**ପଟ୍ଟାମୁଣ୍ଡାଇରେ ସମବାୟ ନିର୍ବାଚନ**

ପଟ୍ଟାମୁଣ୍ଡାଇ, (ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକର ଅଣରା ସମବାୟ ସମିତିର ୧୨ ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରବିବାର କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣରା ସମବାୟ ସମିତି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ଉଲ୍ଲାସ ମଲ୍ଲିକ ଓ ମଳୟ ମଲ୍ଲିକ ନିର୍ବାଚିତ ହୋଇଥିବାବେଳେ କଂଗ୍ରେସ ସମର୍ଥିତ ଚିତ୍ତରଞ୍ଜନ ମଲ୍ଲିକ ସମବାୟ ସମିତି ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ଅଣରା ସମବାୟ ସମିତି ନିର୍ବାଚନରେ ସଂଖ୍ୟାଧିକ ନିର୍ଦ୍ଦେଶକ ଶାସକ ବିଜେଡି ସମର୍ଥିତ ହୋଇଥିବାରୁ ଏଠାରେ ସଭାପତି ପଦ ବିଜେଡି ଦଖଲକୁ ଯିବା ସ୍ପଷ୍ଟ ହୋଇଯାଇଛି।

## ସଂକ୍ଷେପରେ

### ମା’ ମାଟି ପାଇଁ ସେବା ମନସ୍କ ହୁଅ



ରାଜକନିକା,୧୯।୬(ଡି.ଏନ୍.ଏ,): ପାଠପଢ଼ା ବେଳର ସମସ୍ତ ଖିଆଲକୁ ଆଉ ଥରେ ମନେ ପକାଇ ରବିବାର ପୁରାତନ ଛାତ୍ରୀଛାତ୍ର ମା’ ମାଟି ପାଇଁ ସେବା ମନସ୍କ ରହିବାକୁ ଶପଥ ନେଇଛନ୍ତି। ରାଜକନିକା ବ୍ଲକରେ ପ୍ରତିବର୍ଷ ଦୁର୍ବିପାକ ଜାରି ରହିଥିବାରୁ ତମାମ ଅଞ୍ଚଳରେ ଲୁଣା ଜଙ୍ଗଲ ସୃଷ୍ଟି, ନଦୀପାଣିର ସୁରକ୍ଷା, ମୃତ୍ତିକା ସଂରକ୍ଷଣ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାରେ ୧୯୯୪ ଏସ୍ଏନ୍ କଲେଜ ବ୍ୟାଚର ଛାତ୍ରୀଛାତ୍ର ସମ୍ମିଳିତ ପ୍ରୟାସ ଆରମ୍ଭ କରି ଅନ୍ୟ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବନ୍ଧୁମିଳନକୁ ଭୋଜିଭାତର ଆସରରେ ସୀମିତ ନ ରଖି ବ୍ୟାଚର ଛାତ୍ରୀଛାତ୍ର ଏକ କମିଟି ଗଠନ କରି ଏହାର ପରିଚାଳନାକୁ ବ୍ୟବସ୍ଥିତ କରିବା, କର୍ମକର୍ତ୍ତା ନିର୍ବାଚନ କରାଇ ଏହାକୁ କନିକାବାସୀଙ୍କ ଭରସାରେ ରୂପାନ୍ତରିତ କରିବାକୁ ବ୍ୟାଚର ବହୁ ପୁରରାତନ ଛାତ୍ର ଆଗେଇ ଆସିଛନ୍ତି। ତେବେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଏହି ବ୍ୟାଚର ସଭାପତି ଭାବେ ଧନେଶ୍ୱର ସାହୁ, ଉପସଭାପତି ଶରତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ସବ୍ୟସାଚୀ ଶତପଥୀ, ସମ୍ପାଦକ ଶିବପ୍ରସାଦ ମଲିକ, ଯୁଗ୍ମ ସମ୍ପାଦକ ବନଲତା ନାୟକ, କାର୍ଯ୍ୟକାରୀ ସମ୍ପାଦକ ରମେଶ ଚନ୍ଦ୍ର ନନ୍ଦ, କୋଷାଧ୍ୟକ୍ଷ ସୁଧାକର ପ୍ରଧାନ, ସଂଯୋଜକ ନିମାଇଁ ବିଶ୍ୱାଳ ଓ ସହସଂଯୋଜକ ଭାବେ ଅଭିମନ୍ୟୁ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ବନ୍ଧୁମିଳନରେ ବିଦ୍ୟୁଲତା ଜେନା, ଦିଗମ୍ବର ବାରିକ, ସଞ୍ଜୟ ବିଶ୍ୱାଳ, ସୁକାନ୍ତ ଦାଶ, ତରୁଣକାନ୍ତ ବିଶ୍ୱାଳ, ଅମର ମହାରଣା, ସୁଶାନ୍ତ ବିଶ୍ୱାଳ,ଶୈଳବାଳା କରଣ,ସ୍ନେହଲତା ନାୟକ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ନବରାତ୍ରରେ ଆଉ ଏକ ବନ୍ଧୁମିଳନରେ ବ୍ୟାଚର ଆଭିମୁଖ୍ୟର କାର୍ଯ୍ୟକାରୀ କରିବାକୁ ଉପସ୍ଥିତ ସମସ୍ତ ସଦସ୍ୟ ମତ ପୋଷଣ କରିଥିଲେ।

### ନୂଆ ବିଡିଓଙ୍କୁ ସ୍ୱାଗତ

ପଟ୍ଟାମୁଣ୍ଡାଇ,୧୯।୬(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ଭାରପ୍ରାପ୍ତ ବିଇଓ ମନୋରଞ୍ଜନ ସେଠୀଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଜିଲା ପରିଷଦ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସଂଘ ସଭାପତି ବିଶ୍ୱରଞ୍ଜନ ଦାଶ, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବେଜ, ସୁରେନ୍ଦ୍ର ମଲିକ, ସମ୍ପାଦକ ପ୍ରେମାନନ୍ଦ ଜୀବନ ଦାଶ, ଉପଦେଷ୍ଟା ବିଧୁଭୂଷଣ ମହାନ୍ତି, ଦିବାକର ଦାଶ, ଶିକ୍ଷକ ନେତା ମଳୟ ଜେନା, ଉମାକାନ୍ତ ବେହେରା ଓ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ପ୍ରମୁଖ ବହୁ ସଦସ୍ୟ ଭାରପ୍ରାପ୍ତ ବିଇଓଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

# ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ମିଳୁନି ଋଣ

- ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ ସଫଳ ହେଉନି
- ଧାର୍ଯ୍ୟଲକ୍ଷ୍ୟ ପୂରଣରେ ଜିଲା ଶିଳ୍ପକେନ୍ଦ୍ର ବିଫଳ
- ଅନାଦାୟ ଋଣ ଗ୍ରହୀତାଙ୍କ ସଂଖ୍ୟା ବଢ଼ୁଥିବା ବୟାନ

କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ,୧୯।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ବିକାଶରେ ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବହିରାଗତ ଶିଳ୍ପ ଉତ୍ପାଦ ଅର୍ଥ ଅଞ୍ଚଳକୁ ବିକଶିତ କରେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ପ୍ରତ୍ୟେକ ଜିଲାରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍ଇଜିପି) ଚଳାଇବାକୁ ଗୁରୁତ୍ୱ ଦିଆଯାଇଛି। ହେଲେ ଜିଲାରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ରୂପାୟନ ହେଉନାହିଁ। ଅନାଦେୟ ଋଣ ଗ୍ରହୀତାଙ୍କ ସଂଖ୍ୟା ବଢ଼ୁଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଆଗ୍ରହୀ ଯୁବବର୍ଗ ନିରାଶ ହେଉଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଧରଣର ଶିଳ୍ପ ପାଇଁ ଧାର୍ଯ୍ୟଲକ୍ଷ୍ୟ ୨୧୨ ଥିବା ବେଳେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ମାତ୍ର ୧୭୦ଟିକୁ ମଞ୍ଜୁରୀ ମିଳିଛି।

ପଟ୍ଟାମୁଣ୍ଡାଇ ବ୍ଲକ ପୋଖରିଆପଡ଼ା ଗାଁର ପବିତ୍ର ବେରା କହିଛନ୍ତି, ଥଣ୍ଡା ପାନୀୟର ଚାହିଦା ଅଛି। ଏଥିପାଇଁ ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ ବ୍ୟାଙ୍କରୁ ଋଣ ଆଣିବାକୁ ବାରମ୍ବାର ଯାଇଛି। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ପାଇଁ ସମ୍ପତ୍ତି ବନ୍ଧକ ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବନ୍ଧକ ପାଇଁ ପର୍ଯ୍ୟାପ୍ତ ସମ୍ପତ୍ତି ନାହିଁ। ବାଧହୋଇ ଏହି କ୍ଷୁଦ୍ର ଶିଳ୍ପରୁ ଓହରି ଆସିବାକୁ ପଡ଼ିଲା। ଏ ନେଇ ପାଇଥିବା ତାଲିମ ବେକାର ଗଲା। ସମ୍ପତ୍ତି ବନ୍ଧକ ପିଏମ୍ଇଜିପି ପାଇଁ ବାଧକ ସାଜିଥିବା ସେ କହିଛନ୍ତି। ବ୍ଲକର କଷଣଅଣ୍ଟା ଗାଁର ରିତାରାଣୀ ବେହେରା କହିଛନ୍ତି, ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ ମସଲା ଶିଳ୍ପ ପାଇଁ ତାଲିମ ନେଇଛଛି। ୨୦୧୮ରେ ଏହି ପ୍ରକଳ୍ପ ପାଇଁ ୮ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲି। ତେବେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୨୦୧୯ରେ ମାତ୍ର ୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲା। କୋଭିଡ୍ ସଂକ୍ରମଣ ପାଇଁ ମସଲା ବିକ୍ରିରେ ଅସୁବିଧା ହୋଇଛି। ଏବେ ଏହାର ସ୍ଥିତି ସୁଧୁରିବାକୁ ବସିଥିବା ବେଳେ ଋଣ ଅର୍ଥ ଫେରସ୍ତ ଚିନ୍ତାର କାରଣ ହୋଇଛି। ଏକକାଳୀନ ୮ ଲକ୍ଷ ଟଙ୍କା ମିଳିଥିଲେ, ଏହି ଶିଳ୍ପରେ ଅନ୍ୟୁନ ୧୦ ଜଣ ନିଯୁକ୍ତି ପାଇଥାନ୍ତେ। ଜଣେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିଚାଳକ କହିଛନ୍ତି, ଋଣ ପ୍ରଦାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବଳ ଚାପ ହେଉଛି। ଋଣ ପ୍ରଦାନ ପରେ ଅସୁଲ କରାଯାଇପାରୁ ନ ଥିବାରୁ ଅନାଦେୟ ଋଣ (ଏନ୍‌ପିଏ) ହିତାଧିକାରୀଙ୍କ ସଂଖ୍ୟା ବଢ଼ିଯାଉଛି। ମୁଦ୍ରା ଯୋଜନାରେ ଜିଲାର ବହୁ ଲୋକଙ୍କୁ ଋଣ ପ୍ରଦାନ କରାଯାଇଛି। ତେବେ ଏହି ଗ୍ରହୀତାମାନେ ଋଣ ନେଇ ଜିଲା ବାହାରକୁ ପଳାଇଛନ୍ତି। ସେମାନଙ୍କଠାରୁ ଋଣ ଆଦାୟ କରିବା କଷ୍ଟକର ହେଉଛି। ସେହିପରି ପିଏମ୍ଇଜିପିରେ ବହୁ ଆଶାୟୀ ଋଣ ପ୍ରଦାନ ପାଇଁ ଚାପ ପକାଉଛନ୍ତି। ତେବେ ସମ୍ପତ୍ତି ବନ୍ଧକ ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସମ୍ପୃକ୍ତ ଗ୍ରହୀତା ଋଣ ଶୁଝିବା ନେଇ ଅନିଶ୍ଚିତତାରେ ବ୍ୟାଙ୍କ କର୍ତ୍ତୃପକ୍ଷ ରହିବା ସ୍ୱାଭାବିକ କଥା। ସାମାଜିକ କର୍ମୀ ଅନନ୍ତ କୁମାର ଦାଶ କହିଛନ୍ତି, ଜିଲାରେ ଶିଳ୍ପ ଉଦ୍ୟୋଗ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଚାପ ନାହିଁ। ବହୁ ଶିକ୍ଷିତ ଓ ତାଲିମ୍‌ପ୍ରାପ୍ତ ଶିଳ୍ପ ଉଦ୍ୟୋଗ ଆଶାୟୀ ବାରମ୍ବାର ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ ଏଥିପାଇଁ ଚେଷ୍ଟା କରୁଥିଲେ ମଧ୍ୟ ନିରାଶ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ପ୍ରତିବର୍ଷ ୨ଥର ସମୀକ୍ଷା ବୈଠକ ହେଉଛି। ବୈଠକ କେବଳ କାଗଜପତ୍ରରେ ସୀମିତ ରହିଯାଉଛି। ନିୟମ ଅନୁଯାୟୀ ବ୍ୟାଙ୍କ ଜମାର ୬୦ ପ୍ରତିଶତ ଋଣ ଦେବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଗୋଟିଏ ଦୁଇଟିକୁ ଛାଡିଦେଲେ ଅବଶିଷ୍ଟ ବ୍ୟାଙ୍କ ଋଣ ପ୍ରଦାନ ହାର ୨୦ ପ୍ରତିଶତ ରହୁନାହିଁ। ସିଙ୍ଗଲ ୱିଣ୍ଡୋରେ ଶିଳ୍ପ ଉଦ୍ୟୋଗୀଙ୍କୁ ଋଣ ବ୍ୟବସ୍ଥା ହେଲେ ଜିଲାର ବିକାଶ ହୋଇପାରିବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କଗୁଡ଼ିକୁ ତାଗିଦା କରାଯାଇଛି। ଏ ନେଇ ଅଭିଯୋଗ ଆସିଲେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ଗୋଟିଏ ଜୋନରେ କଲ୍ୟାଣ ବେହେରା ବିଜୟୀ

### ଆଳି ସମବାୟ ନିର୍ବାଚନ

ଆଳି,୧୯।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଥିବା ୧୧ଟି ସମବାୟ ସମିତିରେ ସମସ୍ତ ନିର୍ଦ୍ଦେଶକ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିବାଚିତ ହୋଇଥିବା ବେଳେ କେବଳ ଗୋଟିଏ ଜୋନରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବହୁ ଚର୍ଚ୍ଚିତ ବାଟିପଡା ସେବା ସମବାୟ ସମିତି ୧୫ ଟି ଜୋନରୁ ୧୪ଟି ଜୋନରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଥିବା ବେଳେ ଗୋଟିଏ ଜୋନରେ ନିବାଚନ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ କଲ୍ୟାଣ ବେହେରା ଓ ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ହୃଷୀକେଶ ବେହେରା ଅବତୀର୍ଣ୍ଣ ହୋଇଥିଲେ। ମାତ୍ର ୮ ଜଣ ଭୋଟରଙ୍କୁ ନେଇ ହୋଇଥିବା ନିର୍ବାଚନରେ ହୃଷୀକେଶ ୨ ଖଣ୍ଡ ଭୋଟ ପାଇଥିବା ବେଳେ କଲ୍ୟାଣ ୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଏହି ନିର୍ବାଚନକୁ ଅଧିକାରୀ ଭାବେ ଅଲେଖ ପ୍ରଧାନ, ତଉଲି ମଳିକ, ଦେବାନନ୍ଦ ସେଠୀ, ସୂର୍ଯ୍ୟକାନ୍ତ ସାମଲ ଓ ଦିବ୍ୟଜ୍ୟୋତି ମହାନ୍ତି ପରିଚାଳନା କରିଥଲେ।



ରାଜନଗର ବ୍ଲକରେ ଅନୁଷ୍ଠିତ ସମବାୟ ନିର୍ବାଚନରେ ନିର୍ବାଚିତ ପ୍ରାର୍ଥୀମାନେ।

# କୈଳାସ ହାରିଲେ, ଧର୍ମଗୁଳାରେ ଦିବାକର ବିଜୟୀ

**ରାଜନଗରରେ ସମବାୟ ନିର୍ବାଚନ**

ରାଜନଗର, ୧୯।୬(ଡି.ଏନ.ଏ.)

ରାଜନଗର ବ୍ଲକ ବାଲିସାହିପାଟଣା ସେବା ସମବାୟ ସମିତି ନିର୍ବାଚନରେ ରବିବାର ରୋଚକ ଫଳାଫଳ ଆସିଛି। ୧୫ଟି ଜୋନ ମଧ୍ୟରୁ ୯ଟି ଜୋନରେ ନିର୍ଦ୍ୱନ୍ଦ୍ୱରେ ନିର୍ଦ୍ଦେଶକମାନେ ନିର୍ବାଚିତ ହୋଇଥିଲେ। ୬ଟି ଜୋନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନ ହୋଇଥିବା ୬ଟି ଜୋନ ମଧ୍ୟରୁ ୭ନଂ. ଜୋନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ବାଲିସାହିପାଟଣା ପଞ୍ଚାୟତର ଭାଜପା ନେତା କୈଳାସ ଚନ୍ଦ୍ର ପରିଡାଙ୍କ ସହ ଆଇନଜୀବୀ ଉମେଶ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। କୈଳାସଙ୍କୁ ୨ଖଣ୍ଡ ଭୋଟରେ ହରାଇ ଉମେଶ ବିଜୟୀ ହୋଇଥିଲେ। କୈଳାସ ୨୯ଟି ଭୋଟ ପାଇଥିବା ବେଳେ ଉମେଶ ୩୧ଖଣ୍ଡ ଭୋଟ ପାଇ ବାଜି ମାରି ନେଇଛନ୍ତି। ଆଜି ନିର୍ବାଚନ ହେଉଥିବା ୬ଟି ଜୋନରେ ବିଜେଡି ସମର୍ଥିତମାନେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବଡନାଉକୋଣା ସେବା ସମବାୟ ସମିତିରେ କଡା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧୫ଟି ଜୋନ ମଧ୍ୟରୁ ୩ଟି ଜୋନରେ ବିଜେଡି ସମର୍ଥକମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଥିଲେ। ଅନ୍ୟ ୧୨ଟି ଜୋନ ପାଇଁ ନିର୍ବାଚନ ହେଉଥିଲା। ଏଥିରୁ କଂଗ୍ରେସ ସମର୍ଥକମାନେ ୭ଟି ଓ ବିଜେଡି ସମର୍ଥକମାନେ ୫ଟି ଜୋନରେ ବିଜୟୀ ହୋଇଛନ୍ତି। ଏହି ସେବା ସମବାୟ ସମିତିର ୩ ନଂ. ଜୋନରେ ଶିକ୍ଷାବିତ୍ କ୍ଷୀରୋଦ କୁମାର ମଲ୍ଲିକଙ୍କ ସହ ଦିବାକର ସାମଲଙ୍କ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ଉଭୟ ୧୬ ଖଣ୍ଡ ଲେଖାଏ ଭୋଟ ପାଇଥିଲେ। ଉଭୟଙ୍କ ଭୋଟ ସମାନ ଥିବାରୁ ଧର୍ମଗୁଳା ପଡିଥିଲା। ଧର୍ମଗୁଳାରେ ଦିବାକର ବିଜୟୀ ହୋଇଛନ୍ତି। ଓସ୍ତିଆ ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ୟରୁ ୭ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ସାରିଥିଲେ। ୮ଟି ଜୋନ ପାଇଁ ନିର୍ବାଚନ ହେଉଥିଲା। ୮ଟି ଜୋନରୁ ୯ନଂ. ଓ ୧୧ନଂ. ଜୋନରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମାତ୍ର ୬ଟି ଜୋନରେ ୬ଜଣ ପ୍ରାର୍ଥୀଙ୍କୁ କେହି ଭୋଟ ଦେଇ ନ ଥିଲେ।

### ସୁଧୀର ଜିତିଲେ, ସୁଜେଶ ଫେଲ

ତାଳଚୁଆ ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ୟରୁ ୭ଟି ଜୋନରେ ୭ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୮ଟି ଜୋନ ପାଇଁ ନିର୍ବାଚନରେ ରଙ୍ଗଣୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ନେତା ସୁଧୀର ଚନ୍ଦ୍ର ପାଲ ୪ନଂ. ଜୋନରେ ଲଢୁଥିଲେ। ସୁଧୀରଙ୍କ ସହିତ ଶିବ ସାମନ୍ତଙ୍କ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ସୁଧିର ୫୧ଖଣ୍ଡ ଭୋଟ ପାଇଥିବା ବେଳେ ଶିବ ସାମନ୍ତ ୪୬ ଖଣ୍ଡ ଭୋଟ ପାଇଁ ପରାଜିତ ହୋଇଛନ୍ତି। ଏହି ସେବା ସମବାୟ ସମିତିର ୧୫ନଂ. ଜୋନରେ ଟ୍ରଲର ମାଲିକ ସୁଜେଶ ମଣ୍ଡଳଙ୍କ ସହ ଚିଙ୍ଗୁଡିଘେରି ଫାଇନାନ୍ସର ବିକାଶ ଗିରିଙ୍କ ମଧ୍ୟରେ ଲଢେଇ ହେଉଥିଲା। ବିକାଶଙ୍କୁ ୧୪ ଖଣ୍ଡ ଭୋଟ ମିଳିଥିବା ବେଳେ ସୁଜେଶଙ୍କୁ ୧୧ଖଣ୍ଡ ଭୋଟ ମିଳିଥିଲା।

## ବାଦୀପାଲା ମହୋତ୍ସବ

ପଟ୍ଟାମୁଣ୍ଡାଇ,୧୯।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବାଲିପଡ଼ା ପୂଜାପଡ଼ିଆଠାରେ ରଜ ଅବସରରେ ଆୟୋଜିତ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପୁରାତନ ଗୌରବମୟ କଳା ସଂସ୍କୃତି ଆଜି ଆଧୁନିକତାର ସ୍ପର୍ଶରେ ଲୁଚିଯିବାକୁ ବସିଛି। କେବଳ ପାଲା ସଂସ୍କୃତି ହିଁ ଏହି ବୃହତ୍ ଗୌରବକୁ ଫେରାଇ ଆଣିବା ସହ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ବୁଦ୍ଧିମନ୍ତ କରିବା ସଙ୍ଗେସଙ୍ଗେ ସାମାଜିକ ପରିବର୍ତ୍ତନ ଆଣିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲିପଡ଼ା ଗାଁ କମିଟି ସଭାପତି ପ୍ରଫେସର ଉମେଶ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, କାଉନ୍‌ସିଲର ପ୍ରଶାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଓ ପାଲା କମିଟି ସଭାପତି ରବୀନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ମୁଖ୍ୟ ଅତିଥି ବିଧାୟକ ସାହୁ ବାଲିପଡ଼ା ଗାଁର ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ଓ ସାମାଜିକ କର୍ମୀ ବଟକୃଷ୍ଣ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଞ୍ଜୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ୪ ଦିନ ବ୍ୟାପୀ ଆୟୋଜିତ ବାଦୀପାଲା ମହୋତ୍ସବରେ ଗାୟକ ଶାନ୍ତନୁ ବାରିକ, ମନୋରମା ସାହୁ ପାଲା ପରିବେଷଣ କରିଥିଲେ। ଏହାକୁ ସୀତାକାନ୍ତ ତ୍ରିପାଠୀ, ସରୋଜ ବିଶ୍ୱାଳ, ହୃଷୀକେଶ ଖିଲାର, ବ୍ରହ୍ମାନନ୍ଦ ନନ୍ଦଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ରଘୁଦେଇପୁର ସମବାୟ ସମିତିରେ ଉତ୍ତେଜନା

**୬ ସମବାୟ ସମିତିରେ ପରିଚାଳନା ନିର୍ଦ୍ଦେଶକ ପାଇଁ ନିର୍ବାଚନ ଶେଷ**



ଡେରାବିଶରେ ଅନୁଷ୍ଠିତ ସମବାୟ ନିର୍ବାଚନ ସମୟରେ ଗହଳି।

ଡେରାବିଶ, ୧୯।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ଟି ସମବାୟ ସମିତି ମଧ୍ୟରୁ ରବିବାର ୬ଟିରେ ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ହୋଇଥିବା ସମିତିଗୁଡ଼ିକ ହେଲା ଦାନପୁର, ରତାଦିଆ ଖଣ୍ଡସାହି, କୁଶିଆପାଳ, ଗୋଲରାହାଟ, ଏଣ୍ଡର ଓ ରଘୁଦେଇପୁର ସମବାୟ ସମିତି। ସକାଳ ୭ଟାରୁ ଆରମ୍ଭ ହୋଇଥିବା ଏହି ନିର୍ବାଚନ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ପରେ ସମ୍ପୃକ୍ତ ସମିତିରେ ହୋଇଥିବା ବୁଥ୍ କେନ୍ଦ୍ରରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଥିଲା। ତେବେ ରଘୁଦେଇପୁର ସମବାୟ ସମିତିରେ ସକାଳୁ ଆରମ୍ଭ ହୋଇଥିବା ଭୋଟ ସମୟରେ ସାମୟିକ ଉତ୍ତେଜନା ଦେଖାଦେଇଥିଲା। ମାତ୍ର ସେଠାରେ ଉପସ୍ଥିତ ଥିବା ଡେରାବିଶ ପୋଲିସର ହସ୍ତକ୍ଷେପ ଫଳରେ ଭୋଟଦାନ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା। ଭୋଟ ଗଣତି ସମୟରେ ସମ୍ପୃକ୍ତ ସମବାୟ ସମିତି ଅଧୀନ ୩ନଂ. ଜୋନ୍‌ରେ ଭୋଟର ସଂଖ୍ୟାଠାରୁ ବାଲଟ୍ ବକ୍ସରୁ ଅଧିକ ଗୋଟିଏ ବାଲଟ୍ ବାହାରିଥିବା ନେଇ ଜଣେ ପ୍ରାର୍ଥୀ ପ୍ରିଜାଇଡିଂ ଅଫିସରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ସମ୍ପୃକ୍ତ ପ୍ରିଜାଇଡିଂ ଅଫିସର ଏହି ଜୋନ୍‌ରେ ଥିବା ଭୋଟରଙ୍କ ସଂଖ୍ୟା ଅନୁଯାୟୀ ବାଲଟ୍ ଆସିଥିବା କହିଥିଲେ। ଏହାକୁ ନେଇ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ଅବସ୍ଥା ସ୍ୱାଭାବିକ ହେବା ପରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ତେବେ ନିର୍ବାଚନ ହୋଇଥିବା ପ୍ରତି ସମବାୟ ସମିତି ଅଧୀନରେ ୧୫ଟି ଲେଖାଏ ଜୋନ୍ ରହିଥିବା ବେଳେ ସମୁଦାୟ ଭୋଟର ସଂଖ୍ୟା ୨୩୪୮। ତେବେ ଏହି ନିର୍ବାଚନ ଏକପ୍ରକାର ଶୃଙ୍ଖଳାର ସହ ଶେଷ ହୋଇଥିବା ଜିଲା ସହକାରୀ ସମବାୟ ଉପନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରାଯିବ



ରାଜକନିକାରେ ମନ୍ତ୍ରୀ ପ୍ରତାପ ଦେବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା,୧୯।୬(ଡି.ଏନ୍.ଏ.)

ରାଜକନିକା ବ୍ଲକର ଓଳାଭର କାଳୀପଡ଼ିଆରେ ଶନିବାର ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ୨୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତ୍ତାମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, କେନ୍ଦ୍ରାପଡ଼ା ଏକ ଶିଳ୍ପବିହୀନ ଜିଲା। ଏଠାରେ ଏକ ଶିଳ୍ପ ପ୍ରତିଷ୍ଠା ପାଇଁ ସେ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି କହିଥିଲେ। ଆବଶ୍ୟକ ଜମି ଦଖଲ କରିବା ସହ ସରକାରୀ ନିୟମକୁ ଦେଖିବାକୁ ପଡ଼ିବ। ଆପଣମାନଙ୍କ ସାହାଯ୍ୟ ଓ ସହଯୋଗ ରହିଲେ ଜିଲାର ବିକାଶ ହୋଇପାରିବ। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଗୋଟିଏ ପରେ ଗୋଟିଏ ପୂରଣ କରାଯିବ ବୋଲି ସେ କହିଥିଲେ। ଆପଣମାନଙ୍କ ଆଶୀର୍ବାଦରୁ କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିବାରୁ ଆଜି କନିକା ଅଞ୍ଚଳର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଉଛି। ଏହି କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ବେହେରା, ପ୍ରଦୀପ୍ତ ରାଉତ, କୈଳାସ ବେହେରା ଏବଂ ସରପଞ୍ଚ ନହୁଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବାତ୍ୟା ଆସିଲେ ଆସୁ, ଆମେ ପ୍ରସ୍ତୁତ

**ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି, ମକ୍‌ଡ୍ରିଲ୍ ଅନୁଷ୍ଠିତ**

ମହାକାଳପଡ଼ା/ମାର୍ଶାଘାଇ/ରାଜନଗର/ ପଟ୍ଟାମୁଣ୍ଡଇ,୧୯।୬(ଡି.ଏନ୍.ଏ./ସ୍ୱ.ପ୍ର)



ପଟ୍ଟାମୁଣ୍ଡାଇଠାରେ ଅନୁଷ୍ଠିତ ମକ୍‌ଡ୍ରିଲରେ ଦୁଇ ଜଣ ବୃଦ୍ଧାଙ୍କୁ ଭାର ସାହାଯ୍ୟରେ ସ୍ଥାନାନ୍ତର କରାଯାଉଥିବାର ଦୃଶ୍ୟ।

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ମାର୍ଶାଘାଇ, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଅଞ୍ଚଳରେ ରବିବାର ବନ୍ୟା, ବାତ୍ୟା, ଭୂମିକମ୍ପ ମୁକାବିଲା ପାଇଁ ଅଭ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ୧୯୯୯ ମହାବାତ୍ୟାରେ ଜିଲାର ଅନେକ ଲୋକଙ୍କ ଜୀବନ ଯିବା ସହ ବ୍ୟାପକ ପରିମାଣର ଧନସମ୍ପତ୍ତି କ୍ଷୟକ୍ଷତି ହୋଇଥିଲା। ସେବେଠାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ, ସମୟରେ ଓ ପରେ କିପରି ଏହାର ମୁକାବିଲା କରି ଧନଜୀବନ, ସମ୍ପତ୍ତିର ସୁରକ୍ଷା କରାଯାଇପାରିବ ସେଥିପାଇଁ ବ୍ଲକସ୍ଥିତ ପେଟଛେଲା ପଞ୍ଚାୟତ ଆଡୋଇ ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ଓ ଆଶ୍ରୟସ୍ଥଳସ୍ତରୀୟ ପରିଚାଳନା ରକ୍ଷଣାବେକ୍ଷଣ ସମିତି ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ରହି କିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ମୁକାବିଲା କରାଯାଇପାରିବ ସେନେଇ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ପିଲାମାନେ ବାତ୍ୟା ଆସିଲେ ଆସୁ, ଏହାର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା, ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଅତିରିକ୍ତ ବିଡିଓ କିରନ କୁମାର ସାମଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ବେହେରା, ଫାୟାର ଅଫିସର ଶିଶିର କୁମାର ଦାସ, ଜ୍ୟୋତିର୍ମୟ ମହାପାତ୍ରଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ କାର୍ଯ୍ୟନିର୍ବାହୀ ଦଳର ମହିଳାମାନେ ଉପସ୍ଥିତ ଥିଲେ।

ସେହିପରି ମାର୍ଶାଘାଇ ବ୍ଲକରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ହୋଇଯାଇଛି। ବ୍ଲକର ଜଳପୋକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବିଡିଓ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ମକ୍‌ଡ୍ରିଲ ହୋଇଥିଲା। ବନ୍ୟା, ବାତ୍ୟା ସମୟରେ ଲୋକମାନଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେ ବିଷୟରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ନମୁନା ଦେଖାଇଥିଲେ। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ ଓ ମାର୍ଶାଘାଇ ଅତିରିକ୍ତ ତହସିଲଦାର ଅଶୋକ ବେହେରା, ମାର୍ଶାଘାଇ ଅଗ୍ନିଶମ ଅଧିକାରୀ ଯୋଗଦେଇଥିଲେ। ସେହିପରି ପରକୁଲା, ବାଲିଘାଇଠାରେ ମଧ୍ୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସେହିପରି ରାଜନଗର ବ୍ଲକର ୪୫ଟି ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ମାଧ୍ୟମରେ ବାତ୍ୟାକୁ କିପରି ସାମ୍ନା କରାଯାଇପାରିବ ସେ ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ରାଜନଗର ବ୍ଲକ ସମୁଦ୍ର ତଟବର୍ତ୍ତୀ ପେଣ୍ଠ, ପ୍ରସନ୍ନପୁର, ବଗପାଟିଆ, କଏଥା, କୁରୁଣ୍ଟି, ଗୁପ୍ତି, ଡାଙ୍ଗମାଳ, ରାଜନଗର, ପ୍ରହରାଜପୁର, ବାଘମାରି ପ୍ରଭୃତି ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ହେଇଥିଲା। ରାଜ୍ୟ ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା ପ୍ରସନ୍ନପୁରଠାରେ ପହଞ୍ଚି ମକ୍‌ଡ୍ରିଲ ସମ୍ବନ୍ଧୀୟ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ଲୋକମାନେ କିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନ ଜୀବନ ସୁରକ୍ଷାରେ ରଖିପାରିବେ, ସେ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିପରି ଡାଙ୍ଗମାଳ, ରାଜନଗର, ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ୧୦ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଛି। ଏଥିରେ ଜିଲା ଜରୁରିକାଳୀନ ଅଧିକାରୀ ହେମଲତା ବାହାଲିଆ, ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡ଼ା, ତହସିଲଦାର ଦିଲୀପ କୁମାର ସେଠୀ, ଅନନ୍ତ କର ପ୍ରମୁଖ ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରି ପ୍ରସ୍ତୁତି ତଦାରଖ କରିଥିଲେ। ପଟ୍ଟାମୁଣ୍ଡାଇ ଅଗ୍ନିଶମ ସେବା ଅଧିକାରୀ ଗୋପବନ୍ଧୁ ସାହୁ ନିଜ ଟିମ୍ ସହ ଦାଣ୍ଡିସାହି ଓ ସାତକୁଡ଼ିଆରେ ମକ୍‌ଡ୍ରିଲ କରିଥିଲେ। ଏଥିରେ ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଟାସ୍କଫୋର୍ସ ସଦସ୍ୟମାନେ ଉପସ୍ଥିତ ଥିଲେ। ଶଙ୍ଖପୁର, କୋଳିଆପାଲ୍ଲା, ପାଳପାଟଣା, କଜଳବନ୍ଧ, ବଡ଼ପଡା, ବିଲିକଣା, ସାତକୁଡ଼ିଆ, ସିଂହଗାଁ, ଦାଣ୍ଡିସାହି ବାତ୍ୟା ଆଶ୍ରୟସ୍ଥଳରେ ସମ୍ପାଦକମାନଙ୍କ ଉପସ୍ଥିତ ରହି ମକ୍‌ଡ୍ରିଲ ହୋଇଥିଲା।

## ସଂକ୍ଷେପରେ

### ରାଜ୍ୟରୁ ୧୨୨ ଡେଙ୍ଗୁ ରୋଗୀ ଚିହ୍ନଟ

**ଭୁବନେଶ୍ୱର, ୧୯।୬ (ବ୍ୟୁରୋ) :** ରାଜ୍ୟରେ ଏବେ ଡେଙ୍ଗୁ ସଂକ୍ରମଣ ମାଡ଼ି ଚାଲିଛି। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ମୌସୁମୀ ବର୍ଷା ଆରମ୍ଭ ହୋଇଥିବାରୁ ଆଗକୁ ଏହି ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଇତିମଧ୍ୟରେ ଚଳିତ ବର୍ଷ ରାଜ୍ୟରୁ ମୋଟ୍ ୧୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସର୍ବାଧିକ ରୋଗୀ ଭୁବନେଶ୍ୱରରୁ ରହିଛନ୍ତି। ବିଶେଷକରି ପଟିଆ, ଡମଣା, ନିଳାଦ୍ରୀବିହାର, ଶୈଳଶ୍ରୀବିହାର, ପ୍ରାଚୀବିହାର, ୟୁନିଟ-୮ ଆଦି ଅଞ୍ଚଳରେ ଏକାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ସରକାରୀ ଭାବେ ସହରରେ ରୋଗୀ ସଂଖ୍ୟା ୨୦ ପାର୍ କରିଥିବାବେଳେ ବେସରକାରୀ ତଥ୍ୟ ଶତକ ପାର୍ କରିଛି। କେତେକ ସ୍ଥାନରେ ଡେଙ୍ଗୁ ଜ୍ୱର ବ୍ୟାପୁଛି। ଅଧିକାଂଶ ବ୍ୟକ୍ତି ଘରୋଇ ହସ୍ପିଟାଲରେ ଟେଷ୍ଟ କରିବା ସହ ଚିକିତ୍ସିତ ହେଉଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କିମ୍ବା ସ୍ୱାସ୍ଥ୍ୟ ବିଭାଗ ପାଖରେ ଠିକ୍ ତଥ୍ୟ ପହଞ୍ଚି ପାରୁନାହିଁ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ବର୍ଷା ସମୟରେ ସାଧାରଣତଃ ଡେଙ୍ଗୁ, ମ୍ୟାଲେରିଆ ଜ୍ୱର ଅଧିକ ହୋଇଥାଏ। ତେଣୁ ସଂଖ୍ୟା ବଢିବା ନେଇ ଆତଙ୍କିତ ହେବା ଉଚିତ୍ ନୁହେଁ। ଅପରପକ୍ଷେ ଡେଙ୍ଗୁର ସ୍ଥିତି ନିୟନ୍ତ୍ରଣରେ ଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ୨ଦିନ ତଳେ ହସ୍ପିଟାଲରେ ୪ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବାବେଳେ ଏବେ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପ୍ରତିଦିନ କିଛି କିଛି ଟେଷ୍ଟ କରାଯାଉଛି। ରବିବାର ୧୩ ଜଣଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏବେ ହସ୍ପିଟାଲରେ ଜଣେ ମାତ୍ର ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ଡା. ସାହୁ ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ

**ଯାଁଳା,୧୯।୬(ଡି.ଏନ୍.ଏ.):** ଇନ୍ଫୋ ଭ୍ୟାଲି ଥାନା ଅନ୍ତର୍ଗତ କାଇମାଟିଆରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ କେତେଜଣ ଆହତ ହୋଇଥିବା ବେଳେ ୩ଟି ଗାଡ଼ି ଭାଙ୍ଗିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, କାଇମାଟିଆ ଅଞ୍ଚଳର ଜଣେ ଯୁବକଙ୍କ ସହ ଚନ୍ଦକା ଥାନା ଅନ୍ତର୍ଗତ ପାଇକେରାପୁର ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ଗତ ୧୫ଦିନ ପୂର୍ବେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏନେଇ ଚନ୍ଦକା ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ ହୋଇଥିଲା। ଶନିବାର ପାଇକେରାପୁର ଅଞ୍ଚଳର ଯୁବକ ଜଣଙ୍କ ଅରିଶଳ ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଏହି ସମୟରେ କାଇମାଟିଆ ଅଞ୍ଚଳର ଯୁବକ ଜଣଙ୍କ କେତେଜଣ ସହଯୋଗୀଙ୍କୁ ଆଣି ଆକ୍ରମଣ ପାଇଁ ଛକି ରହିଥିଲେ। ଏହା ଜାଣିବା ପରେ ପାଇକେରାପୁର ଗ୍ରାମର ଯୁବକ ଜଣକ ଘରକୁ ଫେରି ସହଯୋଗୀଙ୍କୁ ଡାକିବା ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ଇନ୍ଫୋ ଭ୍ୟାଲି ପୋଲିସ ପହଞ୍ଚିବାରୁ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ପୋଲିସ ଉପରୁ ଆସ୍ଥା ତୁଟୁଛି




ମଙ୍ଗଳପୁର ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଛି।

**ଯାଜପୁର ଅଫିସ,୧୯।୬**

**ଅକ୍ଷୟ ହତ୍ୟା ଘଟଣା**
- ମଙ୍ଗଳପୁର ଥାନା ସମ୍ମୁଖରେ ଗଣଧାରଣା
- ୭ ଆନ୍ଦୋଳନକାରୀଙ୍କ ନାମରେ ୧୦୭ ଦଫାରେ ମାମଲା

ଯାଜପୁର ଜିଲା ମଙ୍ଗଳପୁର ଥାନା ପୋଲିସ ସେବା ଉପରୁ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି। ଇଟାପଡ଼ା ଗ୍ରାମର ଅକ୍ଷୟ ବାରିକ(୨୫) ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ଓ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର ବିଫଳତାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହା ରାଜ୍ୟ ପୋଲିସର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କ୍ରମରେ ଅକ୍ଷୟ ହତ୍ୟା ରହସ୍ୟ ଉନ୍ମୋଚନ ସଂଗ୍ରାମ ସମିତି ପକ୍ଷରୁ କମାରଡିହ ଛକରେ ୧ ସପ୍ତାହ ଧରି ଗଣଧାରଣା ପରେ ରବିବାରଠାରୁ ମଙ୍ଗଳପୁର ଥାନା ସମ୍ମୁଖରେ ଆନ୍ଦୋଳନ ଆରମ୍ଭ ହୋଇଛି। ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଅଧିକ ତତ୍ପରତା ପ୍ରକାଶ କରିବା ବଦଳରେ ଓଲଟା ୭ ଆନ୍ଦୋଳନକାରୀଙ୍କ ନାମରେ ଯାଜପୁର ଏକ୍ଜ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ୧୦୭ ଦଫାରେ ମାମଲା ରୁଜୁ କରିଛି। ଏପରି କି ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏହି ୭ ଆନ୍ଦୋଳନକାରୀ ସତ୍ୟରଞ୍ଜନ ନାୟକ, ପ୍ରଦୀପ ନାୟକ, ମଳୟ ପଣ୍ଡା, ପ୍ରିୟବ୍ରତ ବିଶ୍ୱାଳ, ଚୌବନ ବାରିକ, ପ୍ରଶେଷ ସୂତାର ଓ ପ୍ରଜ୍ଞା ନାୟକଙ୍କୁ ଆସନ୍ତା ୨।୭।୨୦୨୨ରେ ତାଙ୍କ କୋର୍ଟରେ ହାଜର ହୋଇ କାରଣ ଦର୍ଶାଇବାକୁ ନୋଟିସ ଜାରି କରିଛନ୍ତି। ଏଭଳି ନୋଟିସ ପରେ ବି ଆନ୍ଦୋଳନକାରୀ ପଛଘୁଞ୍ଚା ନ ଦେଇ ବରଂ ନ୍ୟାୟ ଆଶାରେ ମଙ୍ଗଳପୁର ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ କରିଛନ୍ତି।

ରବିବାର ସକାଳ ୮ଟାରେ ଥାଲକୁଡିସ୍ଥିତ କଲ୍ୟାଣମଣ୍ଡପ ନିକଟରୁ ଶତାଧିକ କର୍ମୀ, କମାରଡିହ ଓ ଖାନନଗର ପଞ୍ଚାୟତର ଲୋକେ ସଂଗ୍ରାମ ସମିତି ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରରେ ସାମିଲ ହେବା ସହିତ ମଙ୍ଗଳପୁର ବଜାର ପରିକ୍ରମା କରି ଥାନା ସମ୍ମୁଖରେ ଗଣଧାରଣାରେ ସାମିଲ ହୋଇଥିଲେ । ଅକ୍ଷୟ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଏହି ଗଣଧାରଣ ଚାଲୁ ରହିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ଗଣଧାରଣାରେ କର୍ମୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶେଷ ସୂତାର, କମାରଡିହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ପୃଷ୍ଟି, ସୁବାସ ସେଠୀ, ପୂର୍ବତନ ସମିତି ସଭ୍ୟ ମଳୟ କୁମାର ପଣ୍ଡା, ବରିଷ୍ଠ ସଙ୍ଗଠକ ଚୌବନ କାରିକ୍, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ସତ୍ୟ ରଞ୍ଜନ ନାୟକ, ବିକାଶ ପୃଷ୍ଟି, ପ୍ରଦୀପ ନାୟକ, ବିଶ୍ୱଜିତ୍ ମଲ୍ଲିକ, ଦିଗାମ୍ବର ଦାସ, ନିରାକାର ମଲ୍ଲିକ, କାଳିନ୍ଦୀ ଦାସ, ପ୍ରଜ୍ଞାପରମିତା ନାୟକ ସାମିଲ ଥିଲେ।

ସୂଚନାଯୋଗ୍ୟ, ଗତ ମେ'୧୪ ତାରିଖରେ ଧରମପୁର ଗ୍ରାମ ନିକଟ କଉଡିଆ ନାଳରୁ ଇଟାପଡା ଗ୍ରାମର ସୁରେନ୍ଦ୍ର ବାରିକଙ୍କ ପୁଅ ଅକ୍ଷୟଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରାଯାଇଥିଲା। ଏହାକୁ ନେଇ ମଙ୍ଗଳପୁର ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲେ ସୁଦ୍ଧା ଘଟଣାର ୧ ମାସ ଅତିକ୍ରାନ୍ତ ହୋଇଥିବା ପରେ ବି କାହାକୁ ଗିରଫ କରିପାରିନାହିଁ। ଏହି ଘଟଣାରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି ରହିଥିବାରୁ ପୋଲିସର ହାତ ପାଉନାହିଁ ବୋଲି ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଛନ୍ତି।

# ୨୪ ଜୋନ୍‌ରେ ନିର୍ବାଚନ ଫଳାଫଳ ଘୋଷିତ

**ଧର୍ମଗୁଳାରେ ଜିତିଲେ ବିଶ୍ୱଭୂଷଣ**

**ଯାଜପୁର ଅଫିସ,୧୯।୬**

୧୪ଜୋନ୍‌ର ସମବାୟ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ଦଶରଥପୁର ବ୍ଲକ ଅଧୀନରେ ରବିବାର ଅନୁଷ୍ଠିତ ମଙ୍ଗଳପୁର ପ୍ରାଥମିକ ସେବା ସମବାୟ ସମିତି ନିର୍ବାଚନରେ ୭ ଜୋନ୍ ମଧ୍ୟରୁ ୧ ନଂ. ଜୋନ୍‌ରେ ଶମ୍ଭୁନାଥ ମଲ୍ଲିକ, ୨ନଂ. ଜୋନ୍‌ରେ ନିତ୍ୟାନନ୍ଦ ଦାସ, ୫ନଂ. ଜୋନ୍‌ରେ ପ୍ରଭାତ ମଲ୍ଲିକ,୯ନଂ. ଜୋନ୍‌ରେ ମାନସ ରଞ୍ଜନ ଦାସ, ୧୨ନଂ. ଜୋନ୍‌ରେ ଅକ୍ଷୟ ସାହୁ, ୧୩ ନଂ. ଜୋନ୍‌ରେ ଅଭିମନ୍ୟୁ ମହାନ୍ତି ଓ ୧୪ ନଂ. ଜୋନ୍‌ରେ ଅଭିରାମ ବାରିକ ବିଜୟ ହୋଇଥିବା ନିର୍ବାଚନ ଅଧିକାରୀ ବିରଜା ପ୍ରସାଦ ମିଶ୍ର କହିଛନ୍ତି । ସେହିପରି ମଲ୍ଲିକାପୁର ପ୍ରାଥମିକ ସେବା ସମବାୟ ସମିତିରେ ୬ ଜୋନରେ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ସେଥିମଧ୍ୟରୁ ୧ନଂ. ଜୋନ୍‌ରେ ପ୍ରଦୀପ କୁମାର ପତି, ୪ନଂ. ଜୋନ୍‌ରେ ରମେଶ ପାତ୍ର, ୮ନଂ. ଜୋନ୍‌ରେ ରମେଶ ଚନ୍ଦ୍ର ସାହୁ, ୯ନଂ. ଜୋନ୍‌ରେ ପ୍ରିୟବ୍ରତ ମହାନ୍ତି,୧୨ ନଂ. ଜୋନ୍‌ରେ ମନୋଜ କୁମାର ରାଉତ ଓ ୧୪ ନଂ. ଜୋନରେ ରମେଶ ଚନ୍ଦ୍ର ସୂତାର ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଅବିନାଶ ପାତ୍ର ସୂଚନା ଦେଇଛନ୍ତି । ସେହିପରି ନିଜାମପୁର ସମବାୟ ସମିତିରେ ମୋଟ ୧୧ ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସେଥିମଧ୍ୟରୁ ୧ନଂ. ଜୋନରେ ନିର୍ମଳ ବେହୁରିଆ,୨ନଂ. ଜୋନରେ ମନୋରଞ୍ଜନ ପରିଡା,୩ ନଂ. ଜୋନ୍‌ରେ ନୃସିଂହ ସେଠୀ, ୪ନଂ. ଜୋନ୍‌ରେ ସରୋଜ କୁମାର ସାହୁ,୬ନଂ. ଜୋନ୍‌ରେ ପ୍ରଦୀପ କୁମାର ଦାସ,୮ନଂ. ଜୋନରେ ଦୟାନିଧି ମଲ୍ଲିକ,୯ନଂ. ଜୋନରେ ସର୍ବେଶ୍ୱର ଗାହାଣ,୧୧ନଂ. ଜୋନରେ ହିମାଂଶୁ ପରିଡ଼ା,୧୩ ନଂ. ଜୋନ୍‌ରେ ପ୍ରଦୀପ କୁମାର ବେଜ,୧୪ ନଂ. ଜୋନରେ ବିଶ୍ୱଭୂଷଣ ବିଶ୍ୱାଳ ଓ ୧୫ ନଂ. ଜୋନ୍‌ରେ ଅନ୍ନଦା ବିଶ୍ୱାଳ ବିଜୟ ଲାଭ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କଠାରୁ ପ୍ରକାଶ। ମାତ୍ର ନିଜାମପୁର ସମିତି ଅଧୀନ ୧୪ ନଂ. ଜୋନରେ ପ୍ରାର୍ଥୀ ବିଶ୍ୱଭୂଷଣ ବିଶ୍ୱାଳ ଧର୍ମଗୁଳାରେ ବିଜୟୀ ହୋଇଛନ୍ତି । ଉଭୟ ପ୍ରାର୍ଥୀ ସମାନ ସଂଖ୍ୟକ ୫ ଖଣ୍ଡ ଲେଖାଏ ଭୋଟ ପାଇଥିବାରୁ ଧର୍ମଗୁଳାର ଆଶ୍ରୟ ନିଆଯାଇଥିଲା ବୋଲି ସୂଚନା ମିଳିଛି।

# ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍

**କଳିଙ୍ଗନଗର,୧୯।୬(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ବ୍ୟାସନଗର ତହସିଲ ଆନୁକୂଲ୍ୟରେ ରବିବାର ଦଳାଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଗୋଦାମ ଗୃହ ପରିସର ମଧ୍ୟରେ ଏକ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ସମ୍ମାନିତ ଅତିଥି ପୌରପରିଷଦର ଉପନଗରପାଳ ସୁବାସ ଚନ୍ଦ୍ର ବଳ, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟବକ୍ତାଭାବେ ଯାଜପୁର ରୋଡ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୌରଭ ରାଉତ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିବା ସହିତ ଏକ ମକ୍‌ଡ୍ରିଲ କରାଇଥିଲେ। ଆଗାମୀ ଦିନରେ ବନ୍ୟା, ବାତ୍ୟା ମୁକାବିଲା ପାଇଁ ସରକାରଙ୍କ ସହିତ ସମସ୍ତ ବିଭାଗ ମିଶି ଜିରୋ କାଜୁଆଲିଟି ରଖିବା ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ମତପୋଷଣ କରିଥିଲେ। ମୁଖ୍ୟବକ୍ତା ଯାଜପୁର ରୋଡ ଅଗ୍ନିଶମ ଅଧିକାରୀ ରାଉତ ନିଜ ବକ୍ତବ୍ୟରେ ଦୁର୍ବିପାକର ବିଭିନ୍ନ ଦିଗ ଯଥା ; ମନୁଷ୍ୟକୃତ ଦୁର୍ବିପାକର ଉଦାହରଣ ଭାବେ ଛତିଶଗଡ଼ର ରାହୁଲଙ୍କ କାହାଣୀ କହିବା ସହିତ ଜୈବିକ ଦୁର୍ବିପାକ ଭାବେ ମହାମାରୀ କରୋନାର ଉଦାହରଣ ଦେଇ ପ୍ରାକୃତିକ ଦୁର୍ବିପାକ ସମ୍ମୁଖରେ କେହି ବୀର ନୁହନ୍ତି ବୋଲି କହିଥିଲେ। ଶେଷରେ ଅଗ୍ନିଶମ ଅଧିକାରୀ ରାଉତ ଏବଂ ତାଙ୍କ କର୍ମଚାରୀ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍, ଅଧିକାରୀ ଏବଂ ପୌର ଜନତାଙ୍କୁ ପ୍ରାକୃତିକ ଦୁର୍ବିପାକ ସମୟରେ ଉଦ୍ଧାର ସମୟର ବିଭିନ୍ନ କୌଶଳ, ଅଗ୍ନି ନିରାପତ୍ତା କୌଶଳ, ଗଛ କଟା ମେଶିନର ଉପଯୋଗ, ପାଣିରେ ବୁଡ଼ି ଉଦ୍ଧାର କରିବା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।




ମକ୍‌ଡ୍ରିଲ୍ ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ଖଣି ଅଞ୍ଚଳରେ ଡିଜେଲ ଚୋରି ବଢୁଛି

**ଟ୍ରକ୍, ମେସିନ ଟାଙ୍କି ଭାଙ୍ଗି ତେଲ ନେଇଗଲେ ଦୁର୍ବୃତ୍ତ**

**କାଳିଆପାଣି, ୧୯।୬(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ଡିଜେଲ ଚୋରି ବଢିଥିବା ବେଳେ ୨ ଦିନରେ ୨୫ରୁ ଊର୍ଦ୍ଧ୍ୱ ଟ୍ରକ୍ ଟାଙ୍କିରୁ ଡିଜେଲ ଚୋରି ହୋଇଛି। ଦୁର୍ବୃତ୍ତ ଗାଡ଼ି ତେଲ ଟାଙ୍କି ଭାଙ୍ଗି ତେଲ ଚୋରି କରିଥିବା ଅଭିଯୋଗ ହୋଇଛି। କାଳିଆପାଣି ଟ୍ରକ୍ ପାର୍କିଂ ୟାଡ୍‌ରୁ ଶୁକ୍ରବାର ୧୫ରୁ ଊର୍ଦ୍ଧ୍ୱ ଟ୍ରକ୍‌ର ତେଲ ଟାଙ୍କି ଭାଙ୍ଗି ଦୁର୍ବୃତ୍ତ ଡିଜେଲ ଚୋରି କରିଥିବା ବେଳେ ନଗଡ଼ା ଅଞ୍ଚଳର ରାସ୍ତା କାମ କରୁଥିବା ଜଣେ ଠିକାଦାରଙ୍କ ମେସିନ, ରୋଲର ଓ ପାଣି ଟ୍ୟାଙ୍କର ସହ ନାଳିଆଡାବଠାରେ ଥିବା ଅସ୍ଥାୟୀ କ୍ୟାମ୍ପରୁ ରଡ୍ ଓ ଡିଜେଲ ଚୋରି ହୋଇଛି। ସେହିପରି ଟାଟା ପାର୍କିଂ ପାଖ ରାସ୍ତା, କୋଲିପଶୀ ପାର୍କିଂ ପାଖ ରାସ୍ତାରେ ଥିବା ୧୦ରୁ ଊର୍ଦ୍ଧ୍ୱ ଟ୍ରକ୍‌ରୁ ଡିଜେଲ ଚୋରି ହୋଇଛି। ନଗଡ଼ା ଠିକାଦାରଙ୍କ ପକ୍ଷରୁ କାଲି କାଳିଆପାଣି ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଖଣି ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବୃଦ୍ଧି ପାଉଛି। କିଛି ଦିନ ପୂର୍ବରୁ କଲରଙ୍ଗୀ ଗାଁ ରାସ୍ତାର ବୁଦବୁଦିଆ ଜଙ୍ଗଲଠାରେ ମାଛ ବିକ୍ରି କରି ଫେରୁଥିବା ବେପାରୀଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଦୁର୍ବୃତ୍ତ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ତେବେ ଅଞ୍ଚଳରେ ଚୋରି, ଡକାୟତି ବଢ଼ି ଚାଲିଥିଲେ ମଧ୍ୟ ପୋଲିସ କୌଣସି ସୁରାକ ନ ପାଇବା ନେଇ ବୁଦ୍ଧିଜୀବୀ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

# ବାଳସୁଧାର ଗୃହ ଗଲେ ୩ ନାବାଳକ

**ବାରଙ୍ଗ,୧୯।୬(ଡି.ଏନ୍.ଏ.)**

ଯାତ୍ରା ପରିବେଷଣ ବେଳେ ବାଲି, ଗୋଡ଼ି ପକାଇବାକୁ କେନ୍ଦ୍ରକରି ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଗ୍ରାମରେ ଜଣେ ନାବାଳକଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ୩ ଜଣ ନାବାଳକଙ୍କୁ ବ୍ରହ୍ମପୁରର ବାଳସୁଧାର ଗୃହକୁ ପଠାଇ ଦେଇଛି। ପ୍ରକାଶ ଯେ, ରଜ ଉତ୍ସବ ଉପଲକ୍ଷେ ଗଣ୍ଡରପୁର ଗାଁ ଯାତ୍ରା ପଡ଼ିଆରେ ଶୁକ୍ରବାର ରାତିରେ ଯାତ୍ରା ପରିବେଷଣ ହେଉଥିଲା। ଏହି ସମୟରେ ଗଣ୍ଡରପୁର ଗ୍ରାମର କେତେଜଣ ନାବାଳକ ଉକ୍ତ ଗ୍ରାମର ଜଣେ ନାବାଳକଙ୍କୁ ବାଲି, ଗୋଡି ପକାଇଥିଲେ। ଏହାକୁ ନେଇ ପ୍ରଥମେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ନାବାଳକ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ଆଉ ଜଣେ ନାବାଳକଙ୍କ ପେଟରେ ଭୂଷି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏନେଇ ଆହତ ନାବାଳକଙ୍କ ପରିବାର ପକ୍ଷରୁ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆହତ ନାବାଳକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHA, SUBARNAPUR**
E-mail-dpcsonepurssa.opepa@nic.in,
Phone:06654-220551/220514
**INVITATIONS FOR BIDS (I.F.B.), e-Procurement Notice**
**IFB-SS/Civil/SNP/02 of 2022-23, Dated- 18.06.2022**

The DISTRICT PROJECT COORDINATOR, SAMAGRA SIKSHA, SUBARNAPUR on behalf of Collector, Subarnapur invites Percentage Rate bids in Double Cover System for the Construction of Six Nos. KGBV hostel at existing hostel campus.

| | | |
|---|---|---|
| 1 | Type of Work | 06 Nos. of KGBV Hostel Buildings |
| 2 | Estimated Cost | As per D.T.C.N. |
| 3 | Period of Completion | 09-Calendar Months |
| 4 | Date and Time of Bidding | 21.06.2022 after 11.00 AM |
| 5 | Last date & Time for receipt online | 08.07.2022 upto 5.00 PM |
| 6 | The Bid receipt shall be opened on | 12.07.2022 at 11.30 AM |
| 7 | Name & address of the O.I.T | D.P.C., Samagra Shiksha, Subarnapur |

Further details can be seen in the website https://tendersodisha.gov.in. only.
**Sd./- District Project Coordinator, Samagra Shiksha, Subarnapur**

**ROURKELA MUNICIPAL CORPORATION**
**Uditnagar, Rourkela, Pin-769012**
**Mail Id: rourkelamunicipality@gmail.com, Telephone: (0661) 2500388**
No.7848/RMC Date: 13.6.22

**TENDER CALL NOTICE**

No.C-541:- Sealed tenders are invited from intending supplier / firm / agency / stockiest for supply of office stationery of Rourkela Municipal Corporation. The rates will be valid for one year and procurement will be made in phased manner during the year from time to time as per the requirement. All bids in the prescribed format (Annexure-1) accompanied with Xerox copy of valid GST certificate with good supply details and PAN should be submitted. Non-refundable tender paper cost Rs.6,720/- (Rupees six thousand seven hundred twenty) only including GST and refundable EMD of Rs.10,000/- (Rupees ten thousand only) must be submitted along with the bid in shape of DD from any Nationalized / Scheduled Bank in favour of Municipal Commissioner, Rourkela Municipal Corporation payable at Rourkela. The EMD of successful bidder will be retained as Security deposit and to be returned after the period of procurement without interest. The tender paper to be deposited in the Tender Box / Speed Post/ Registered Post by 29.06.2022 on 01.30. P.M. and will be opened on the same day at 04.00 P.M. in presence of the bidders or their authorized representatives, who wish to attend. The quotation received after the stipulate dae and time will not be accepted.

The undersigned reserves the right to accept or reject any o quotations or negotiate with more than one agency without assigning any reason thereof.

**Sd./- Commissioner**
**Rourkela Municipal Corporation**
OIPR-13131/11/0042/2223

# ୨ମାସର ଗହମ ପାଇନାହାନ୍ତି ରାଶନକାର୍ଡଧାରୀ

**ରସୁଲପୁର,୧୯।୬(ଡି.ଏନ୍.ଏ.)**

- କୃତ୍ରିମ ଅଭାବ ଯୋଗୁ ହିତାଧିକାରୀ ହନ୍ତସନ୍ତ
- ରିଟେଲରଙ୍କ ଚଞ୍ଚକତାକୁ ବିରୋଧ

ରସୁଲପୁର ବ୍ଲକରେ ରାଶନକାର୍ଡଧାରୀଙ୍କୁ ଗହମ ମିଳୁନି। ଗତ ଏପ୍ରିଲ ଓ ମେ'ରେ ବ୍ଲକର ଅଧିକାଂଶ କାର୍ଡଧାରୀ ଗହମ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାଶନକାର୍ଡରେ ପଞ୍ଜୀକୃତ ହିତାଧିକାରୀଙ୍କୁ ଜୁନ୍ ମାସରୁ ଗହମ ମିଳିବ ନାହିଁ ବୋଲି ସରକାରୀସ୍ତରରେ ଘୋଷଣା ହୋଇସାରିଛି। ତେବେ ଉକ୍ତ ଘୋଷଣାର ରିଟେଲରମାନେ ଫାଇଦା ଉଠାଉଛନ୍ତି। ଜୁନ୍ ପୂର୍ବରୁ ୨ମାସ କୋଟାରୁ ଗହମ ମିଳିବା ବନ୍ଦ ହୋଇଗଲାଣି। ରିଟେଲରଙ୍କସ୍ତରରେ ଗହମର କୃତ୍ରିମ ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବ୍ଲକ ଅଞ୍ଚଳର କେତେକ ରିଟେଲର ଗହମ ଉଠାଣ କରିଥିଲେ ମଧ୍ୟ ତାହାକୁ ବାଣ୍ଟୁ ନାହାନ୍ତି। ଏପରି କି ଗହମ ନ ଦେଇ ହିତାଧିକାରୀଙ୍କ ଖାତାରେ ୨ମାସର ଦିଆଯାଇଛି ବୋଲି ଉଲ୍ଲେଖ କରୁଛନ୍ତି। ଏହାକୁ ହିତାଧିକାରୀ ବିରୋଧ କରିବାରୁ ଗହମ ଆସିଲେ ଦିଆଯିବ ବୋଲି ସଫେଇ ଦେଉଛନ୍ତି। ଗହମ ବଦଳରେ ଚାଉଳ ପାଇଁ ଦାବି କରୁଥିବା କାର୍ଡଧାରୀଙ୍କୁ ସେ ସୁବିଧା ମିଳୁନାହିଁ। ଏ ବାବଦକୁ ଆଲଟମେଣ୍ଟ ଆସିଲେ ଚାଉଳ ଦିଆଯିବ ବୋଲି କହୁଛନ୍ତି। ଏଭଳି ସ୍ଥିତିକୁ ନେଇ କାର୍ଡଧାରୀ ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି। ଅନ୍ୟପକ୍ଷରେ ପିଏଚ୍‌ଏଚ୍(ପ୍ରାୟରିଟି ହାଉସ ହୋଲ୍ଡ), ଏସ୍‌ଏଫ୍‌ଏସ୍(ଷ୍ଟେଟ୍ ଫୁଡ ସିକ୍ୟୁରିଟି ସ୍କିମ୍), ଏଏୱାଇ(ଅନ୍ତ୍ୟୋଦୟ ଅନ୍ନ ଯୋଜନା) ଜରିଆରେ ସରକାର ଯୋଗାଇ ଦେଉଥିବା ମାଗଣା ରାଶନ ସାମଗ୍ରୀରେ ଗହମ ବନ୍ଦ ହେବା ନେଇ କୌଣସି ସ୍ୱଷ୍ଟ ସୂଚନା ନାହିଁ। ମାଗଣା ଖାଦ୍ୟସାମଗ୍ରୀ ଯୋଗାଣ ବାବଦକୁ ଗହମ ମିଳିଲେ ହିତାଧିକାରୀ ଆହୁରି ୩ ମାସ ଗହମ ପାଇପାରିବେ ଅର୍ଥାତ୍ ଆସନ୍ତା ୩ ମାସକୁ ମୁଣ୍ଡ ପିଛା ୫କେଜି ହିସାବରେ ମୋଟ୍ ୧୫କେଜି ଲେଖାଏ ଗହମ ମିଳିବା ସମ୍ଭାବନା ରହିଛି। ମାଗଣା ଗହମ ଆସିଲେ ସେଥିରେ କୋଟା ଗହମକୁ ଆଡ୍‌ଜଷ୍ଟ କରିଦେବାକୁ ମସୁଧା କରାଯାଉଛି। ଏସବୁ ସତ୍ତ୍ୱେ କାର୍ଡଧାରୀଙ୍କ ମନରେ ଗହମ ମିଳିବାକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରୁନାହିଁ। ପ୍ରକାଶ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ବ୍ଲକ ଅଞ୍ଚଳରୁ ୧ ଲକ୍ଷ, ୬ ହଜାର, ୩୪୦ଜଣଙ୍କ ପାଇଁ ୫୩୧୭ କୁଇଣ୍ଟାଲ, ୨୧୯୭ଟି ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ ପାଇଁ ୭୬୯ କୁଇଣ୍ଟାଲ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮,୧୬୦ଜଣଙ୍କୁ ୪୦୮ କୁଇଣ୍ଟାଲ ଚାଉଳ ଦିଆଯାଉଛି। ସେହିପରି କେବଳ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୧୭,୧୦୦ଜଣଙ୍କୁ ୮୫୫ କୁଇଣ୍ଟାଲ ଗହମ ଦିଆଯାଉଛି। ଅନ୍ତ୍ୟୋଦୟ ଅନ୍ନ ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କେବଳ ଚାଉଳ ମିଳୁଛି। ଏହି ଆଧାରରେ ଯୋଜନାରେ ସାମିଲ ହିତାଧିକାରୀଙ୍କ ମଧ୍ୟରୁ ଗହମ ପାଇବା ପାଇଁ ଇଚ୍ଛାପ୍ରକଟ କରିଥିବା ବ୍ୟକ୍ତିଙ୍କୁ ଗହମ ପ୍ରଦାନ କରାଯାଉଛି। ବଜାରରେ ଅଟା ଦର ଆକାଶଛୁଆଁ ହୋଇଥିବାରୁ ଗହମର ଚାହିଦା ଅଧିକ ରହୁଛି। ଖାଉଟିମାନେ ବଜାରରୁ ଅଟା ଖରିଦ ନ କରି ରାଶନକାର୍ଡରେ ମିଳୁଥିବା ଗହମକୁ ପେଷି ଅଟା ଭାବେ ବ୍ୟବହାର କରୁଛନ୍ତି। ତେଣେ ଗହମ ବନ୍ଦ ହେବା ନେଇ ସରକାର ଘୋଷଣା କରିଦେବା ପରେ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଆସୁଥିବା ଟଙ୍କିକିଆ ଗହମ କଳାବଜାର ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏହାର ମାଧ୍ୟମ ରିଟେଲରମାନେ ସାଜିଛନ୍ତି। ରିଟେଲରମାନେ ଗହମ ଉଠାଇ ବାହାରେ ବିକ୍ରି କରିଦେବେ ବୋଲି ଭିତିରି ଯୋଜନା କରି ଗହମର କୃତ୍ରିମ ଅଭାବ ସୃଷ୍ଟି ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି କ୍ରମରେ ଦେଖିବାକୁ ଗଲେ ବ୍ଲକ ଅଞ୍ଚଳରେ ପ୍ରାୟତଃ ୮୦ରୁ ଊର୍ଦ୍ଧ୍ୱ ରିଟେଲର ରାଶନ ସାମଗ୍ରୀ ବାଣ୍ଟିବା ଦାୟିତ୍ୱରେ ଅଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ରିଟେଲର ଏପ୍ରିଲ ଓ ମେ' ମାସ ପାଇଁ ଗହମ ଉଠାଣ କରି ସୁଷମ ବଣ୍ଟନ କରିଛନ୍ତି କି ନାହିଁ ତା'ର ଯାଞ୍ଚ କରିବାକୁ ହିତାଧିକାରୀ ଦାବି କରିଛନ୍ତି। ସେହିପରି ଗହମ ବଦଳରେ ଚାଉଳ କେବେ ମିଳିବ ସେ ନେଇ ଖାଉଟିମାନଙ୍କୁ ସ୍ୱଷ୍ଟ ସୂଚନା ଦିଆଯାଉ ବୋଲି ରାଶନ କାର୍ଡଧାରୀ କହିଛନ୍ତି। ଏ ଦିଗରେ ବ୍ଲକ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ମାନସ ସିଅଙ୍କୁ ପଚାରିବାରୁ ସେ କହିଛନ୍ତି, ଜୁନ୍ ମାସରୁ ଗହମ ବନ୍ଦ ହୋଇଯିବ। ମାତ୍ର ଏପ୍ରିଲ୍ ଓ ମେ'ରେ ଗହମ ହିତାଧିକାରୀଙ୍କୁ ଦିଆଯିବ। ଯଦି କୌଣସି ରିଟେଲର ଗହମ ଉଠାଇ ନାହାନ୍ତି, ତେବେ ଗହମ ଉଠାଇଲା ପରେ ତାହାକୁ ବାଣ୍ଟିବେ ଓ ସେବେ ଯାଇ ଖାତାରେ ଉଲ୍ଲେଖ କରିବେ। ପୂର୍ବରୁ ଖାତାରେ ଉଲ୍ଲେଖ ପାଇଁ କୌଣସି ନିୟମ ନାହିଁ। ସେଭଳି ଘଟୁଥିବା ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଅ ମତ ରଖିଛନ୍ତି।

Government of Odisha
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
**e-mail: serwsbd2003@yahoo.com**
No............. Date.............

**e-Procurement Notice for Buildings Works**

**No.O-488:**1. Name of the Work: Construction of Buildings as per Annexure (2 Nos.). 2. Class of Contractor: "B", "A", Class of (Odisha PWD) or relevant class of other licensing authority. 3. Estimated Cost: **Varies from Rs.117.44 Lakhs to Rs.201.73 Lakhs (Approximately)**. 4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-16/2022-23 | 23.06.2022 at 11.00 A.M. | 08.07.2022 upto 5.30 P.M. | 07.07.2022 upto 1.00 P.M. | 11.07.2022 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

OIPR-25182/11/0018/2223 **Sd./- Chief Construction Engineer, Rural Works Circle, Sunabeda**

**ସଂକ୍ଷେପରେ**

## ବିଞ୍ଝାରପୁରରେ ସମବାୟ ନିର୍ବାଚନ



ବିଞ୍ଝାରପୁର,୧୯।୬(ଡି.ଏନ.ଏ.): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ବିଞ୍ଝାରପୁର ଶାଖା ଅଧୀନ ସିଂହପୁର, ଅରେଇ ଓ ଆଉଁରୀ ପ୍ରାଥମିକ କୃଷି ସମବାୟ ସମିତିରେ ଶାନ୍ତି ଶୃଙ୍ଖଳା ଭାବେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ସିଂହପୁର ପ୍ରାଥମିକ କୃଷି ସମବାୟ ସମିତିରେ କେବଳ ୧୧ ନଂ. ଜୋନ୍‌ରେ ନିର୍ବାଚନ ହୋଇଥିଲାବେଳେ ଅରେଇ ପ୍ରାଥମିକ କୃଷି ସମବାୟ ସମିତିରେ ୭, ୮, ୯, ୧୦ ଜୋନ ପାଇଁ ନିର୍ବାଚନ ହୋଇଛି। ସେହିପରି ଆଉଁରୀ ପ୍ରାଥମିକ କୃଷି ସମବାୟ ସମିତିର ୨, ୩, ୪, ୫, ୬, ୭, ୮, ୧୦, ୧୧ ଓ ୧୩ ନଂ. ଜୋନ୍ ସମେତ ୧୦ଟି ଜୋନ ପାଇଁ ନିର୍ବାଚନ ହୋଇଛି। ସିଂହପୁର ପ୍ରାଥମିକ କୃଷି ସମବାୟ ସମିତିର ୧୧ ନଂ. ଜୋନ ପାଇଁ ପ୍ରଫୁଲ୍ଲ ମହାନ୍ତି ନିର୍ବାଚିତ ହୋଇଥିଲାବେଳେ ଅରେଇ ପ୍ରାଥମିକ କୃଷି ସମବାୟ ସମିତିର ୪ଟି ଜୋନ ପାଇଁ ଦୀନବନ୍ଧୁ ରାଉତ, କେଦାର ଯେନା, ଜିତେନ୍ଦ୍ର କୁମାର ମହାପାତ୍ର ଓ ନିରଞ୍ଜନ ଯେନା ନିର୍ବାଚିତ ହୋଇଛନ୍ତି। ଆଉଁରୀ ପ୍ରାଥମିକ କୃଷି ସମବାୟ ସମିତିରେ ଅଶୋକ କୁମାର ନାୟକ, ପ୍ରଦୀପ ସାହୁ, ରତ୍ନାକର ମଳିକ, ଜୀବନ କୁମାର ମହାନ୍ତି, ଅନନ୍ତ ଯେନା, ବିନୋଦ ବିହାରୀ ପଲାଇ, ପ୍ରମୋଦ ପାଢ଼ୀ, ବିଜୟ ମଲିକ, ବେଞ୍ଜନ ସେନାପତି ଓ କୃପାସିନ୍ଧୁ ମଳିକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବିଞ୍ଝାରପୁରରେ ପ୍ରଥମ ପର୍ଯ୍ୟାୟରେ ନିବାଚନ ହେବାକୁ ଥିବା ୭ଟି ସମିତି ମଧ୍ୟରୁ ୩ଟିରେ ନିର୍ବାଚନ ହୋଇଛି। ଅନ୍ୟ ୪ଟିରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଜୋନ ସଭ୍ୟମାନେ ନିର୍ବାଚିତ ହୋଇଛନ୍ତି। ବିଞ୍ଝାରପୁର ଆଇଆଇସି ରଞ୍ଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଇନଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା।

## ବନ୍ଧୁମିଳନ, ସୈନିକ ସମ୍ବର୍ଦ୍ଧନା ଉତ୍ସବ

ସିଂହପୁର,୧୯।୬(ଡି.ଏନ.ଏ.): ଧୋୟା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୋଦାବରୀଶ ସରକାରୀ ବିଦ୍ୟ ଭବନର ୧୯୮୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ସୈନିକ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩୭ ବର୍ଷ ପରେ ଛାତ୍ରୀଛାତ୍ର ଏକତ୍ରିତ ହୋଇ ନିଜନିଜ ମଧ୍ୟରେ ଖୁସି ବାଣ୍ଟୁଥିବାରୁ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁରାତନ ଛାତ୍ର ଦିବାକର ସାହୁ, ଶ୍ରୀକାନ୍ତ ନାୟକ, ଦୁଷ୍ମନ୍ତ ନାୟକ, ଗୌତମ ସମାଲ, ପ୍ରବୀଣ ସାମଲ, ନରେନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ସେନା ବାହିନୀରେ ସେବାବ୍ରତ ଓ ସେବା ନିବୃତ ୩୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ଭରତ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କମାଣ୍ଡର ଦାଶରଥୀ ନନ୍ଦକିଶୋର ସାମଲ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ଦାସ, ମୁଖ୍ୟବକ୍ତା ଅଧାପକ ଅଜୟ ଓଝା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ସୈନିକଙ୍କୁ ସମ୍ବର୍ଦ୍ଧିତ କରି ଗୋବିନ୍ଦପୁର ମାଟି ପବିତ୍ର ହୋଇଗଲା ବୋଲି ଅତିଥିମାନେ ମତ ରଖିଥିଲେ। ଶତ୍ରୁଘନ ନାୟକ ତାଙ୍କ ଅନୁଭୁତି ସମ୍ପର୍କରେ ବକ୍ତବ୍ୟରେ କହିଥିଲେ। ନିଖିଲ ସାମଲ ସଭା ସଞ୍ଚାଳନ କରିଥିବାବେଳେ ଶତ୍ରୁଘନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶରତ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ‘ବସୁଧା’ରେ ସରକାରୀ ଅର୍ଥ ଆତ୍ମସାତ

### ତଦନ୍ତ ନିର୍ଦ୍ଦେଶ ଦେଲେ ଚିଫ୍ ଇଞ୍ଜିନିୟର

ଯାଜପୁର ଅଫିସ,୧୯।୬

ଗ୍ରାମାଞ୍ଚଳ ଲୋକଙ୍କ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ‘ବସୁଧା’ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଠିକାଦାରୀ ରାଜନୀତି ଏହି ଯୋଜନାର ମୂଳଲକ୍ଷ୍ୟକୁ ପରାହତ କରିଛି। ବସୁଧା ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକାରୀ ହେବାର ସପ୍ତାହକ ମଧ୍ୟରେ ପୁଣି ଅଚଳ ହୋଇ ପଡୁଛି। ଅତି ନିମ୍ନମାନର କାମ ସହ ମିଥ୍ୟା ବିଲ ଭାଉଚର ପ୍ରସ୍ତୁତ କରି ବିପୁଳ ସରକାରୀ ଅର୍ଥ ଆତ୍ମସାତ କରାଯାଉଛି। ଏହି ମର୍ମରେ ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବରଡ଼ା ଗ୍ରାମର ସର୍ବେଶ୍ୱର ସାମଲ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ଅଭିଯୋଗର ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ(ଆର୍‌ଡବ୍ଲୁଏସ୍‌ଏସ୍) ବିଭାଗର କଟକ ସର୍କଲର ଅତିରିକ୍ତ ଚିଫ୍ ଇଞ୍ଜିନିୟରଙ୍କୁ ରାଜ୍ୟ ଚିଫ୍ ଇଞ୍ଜିନିୟର-୨ ନିର୍ଦ୍ଦେଶ ଦେଇଛନ୍ତି।

ଆରଟିଆଇ(ସୂଚନା ଅଧିକାର ଆଇନ) ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ବଡ଼ଚଣା ବ୍ଲକରେ ବସୁଧା ଯୋଜନାରେ ପ୍ରାୟ ୧୨୭ କୋଟି ଟଙ୍କା ବିନିଯୋଗ କରି ୫୦ରୁ ଊର୍ଦ୍ଧ୍ୱ ପାଇପ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ତେବେ ଲୁଣିଆ ଅଞ୍ଚଳ ବାଲିପଡିଆ, ବିକ୍ରମତିରନ, ଅସିଆ, ଚାରିନଙ୍ଗଲ, ଦାଉଡିଆପଦା, କୁନ୍ଦଳ, ମଙ୍ଗରାଜପୁର, ବନ୍ତଳା ଆଦି ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ବସୁଧା ପ୍ରକଳ୍ପ ନିର୍ମାଣ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉନାହିଁ। ଏଥିରୁ ବିଶୁଦ୍ଧ ପାଣି ପାଇବା ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି। କେତେକ ପ୍ରକଳ୍ପରେ ଆଇରନ ମିଶ୍ରିତ ହଳଦିଆ ପାଣି ବାହାରି ତାହା ବ୍ୟବହାର ଅନୁପଯୋଗୀ ହୋଇଛି। ଏହାବାଦ୍ ନିର୍ଦ୍ଧାରିତ ସମୟଠାରୁ ମାସାଧିକ ସମୟ ବିଳମ୍ବରେ ଅନେକ ପ୍ରକଳ୍ପ ଆରମ୍ଭ କରାଯାଇଛି। ବର୍ଷାଦିନ ପୂର୍ବରୁ ମାଟି କାମକୁ ତରବରିଆ ଭାବେ କରାଯାଉଛି। ଟାଙ୍କି ପାଇଁ ନିଅଁ ଖୋଳାଯାଇ ଢଳେଇ ପକାଯାଇଛି। ଠିକାଦାର ପକ୍ଷରୁ ଢଳେଇ ତଳେ ଦିଆଯାଇଥିବା ଲୁହାରଡ଼ ନିମ୍ନମାନର ରହିଛି। ସରକାରୀ ଭାବେ ସୁପାରିଶ କରାଯାଇଥିବା ରଡ଼କୁ ବ୍ୟବହାର କରା ନ ଯାଇ କମ୍ ଦାମ ଓ ନିମ୍ନମାନର ରଡ ବ୍ୟବହାର ହୋଇଥିବାରୁ ତାହା ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆକଳନରେ ଦର୍ଶାଯାଇଥିବା ଲୁହାଛଡ ବଦଳରେ କମ୍ ଓ ଶସ୍ତା କମ୍ପାନୀର ଷ୍ଟିଲ ବ୍ୟବହାର ହୋଇଛି। ପ୍ରକଳ୍ପରେ ୫୩ ଗ୍ରେଡ ସିମେଣ୍ଟ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ସେହି ଗ୍ରେଡଠାରୁ ବହୁତ୍ କମ ତଥା ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ନିର୍ମାଣ ସ୍ଥଳରେ କାମର ଗୁଣବତ୍ତା ମାପିବା କ୍ୟୁବ ଉପଲବ୍ଧ ହେଉନାହିଁ। ଏହାବାଦ୍ ନିର୍ଦ୍ଧାରିତ ପରିମାଣର ଗାତ ନ ଖୋଳି ନିମ୍ନମାନର ପାଇପ୍ ବିଛା ଯାଇଥିବାରୁ କିଛି ଦିନ ମଧ୍ୟରେ ତାହା ଫାଟି ଯାଉଛି। ସେଥିରୁ ପାଣି ବାହାରି ଗ୍ରାମ୍ୟ ରାସ୍ତାକୁ ଜଳମଗ୍ନ କରୁଥିବା ଦେଖିବାକୁ ମିଳିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଅନ୍ୟପକ୍ଷେ ବଡ଼ଚଣା ଓ ଧର୍ମଶାଳା ବ୍ଲକ ପାଇଁ ଏକ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ମେଗା ପ୍ରକଳ୍ପ ସହ ପୂର୍ବରୁ ନିର୍ମାଣ ହୋଇଥିବା ବସୁଧା ପ୍ରକଳ୍ପଗୁଡିକୁ ମିଶାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ଶତାଧିକ କୋଟି ଟଙ୍କା ପାଣିରେ ପଡିବା ନିଶ୍ଚିତ ବୋଲି ସାମଲ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଆରଡବ୍ଲୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ପଚାରିବାରେ ସେ କହିଛନ୍ତି, ବସୁଧା ଯୋଜନାରେ କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଆଇରନ ମିଶା ପାଣି ବାହାରୁଛି ବୋଲି କହି ସ୍ଥାନୀୟ ଲୋକେ ତାକୁ ବ୍ୟବହାର କରୁନାହାନ୍ତି। ତେବେ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହି ସବୁ ପ୍ରକଳ୍ପଗୁଡିକୁ ସେଥିରେ ସଂଲଗ୍ନ କରାଯିବ। ଏହାପରେ କୌଣସି ଅସୁବିଧା ରହିବ ନାହିଁ। ଅଭିଯୋଗ ଉପରେ ତଦନ୍ତ କରି ଆବଶ୍ୟକ ରିପୋର୍ଟ ପ୍ରଦାନ କରାଯିବ।



ବସୁଧା ଯୋଜନାରେ ନିର୍ମିତ ପାଣି ଟାଙ୍କି।

## ଯୋଗ ଦିବସ ପାଳନ ପ୍ରସ୍ତୁତି

ଧର୍ମଶାଳା,୧୯।୬(ଡି.ଏନ.ଏ.)

ଆସନ୍ତା ୨୧ ତାରିଖ ମଙ୍ଗଳବାର ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବ। ଏହି ଅବସରରେ ଯାଜପୁର ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷ କ୍ୟାପ୍‌ଟେନ ତ୍ରିଲୋଚନ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ଯୋଗ ଶିବିର ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ରୋଟାରି କ୍ଲବ ଜାରକା, ଇନରହୁଇଲ କ୍ଲବ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନେହରୁ ଯୁବ କେନ୍ଦ୍ର ଯାଜପୁର ଓ ପତଞ୍ଜଳି ଚିକିତ୍ସାଳୟ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହେବ। ଶିବିର ସକାଳ ୭ରୁ ଆରମ୍ଭ ହୋଇ ୮ଟା୩୦ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି। ବୈଠକରେ ଯୋଗ ଶିକ୍ଷକ ସୁରେନ୍ଦ୍ର କୁମାର ପାଣି, ମହିଳା ପ୍ରଭାରୀ ମିନତି ସାହୁ, ଅଜୟ ବରାଳ, ବସନ୍ତ କୁମାର ସାହୁ, ପ୍ରଭାତ ବିଶ୍ୱାଳ ଓ ଅଶୋକ ନନ୍ଦ ପ୍ରମୁଖ ଯୋଗଦେଇ ଶିବିରକୁ ସଫଳ କରିବାକୁ ଅନୁରୋଧ କରିଥିଲେ। ଶିବିରରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## କେଏଚ୍‌ବି ହାଇସ୍କୁଲ୍‌ରେ ପୂଜ୍ୟପୂଜା ସମାରୋହ




ସମାରୋହରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚଣ୍ଡିଖୋଲ,୧୯।୬(ଡି.ଏନ.ଏ.)

ବଡ଼ଚଣା ବ୍ଲକ ହଳଧରପୁରସ୍ଥିତ କେଏଚ୍‌ବି ହାଇସ୍କୁଲ୍‌ରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ତଥା ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳା ନନ୍ଦ ଦାସ ଉଦ୍‌ଘାଟନ କରି ଆମ ସମାଜରେ ଗୁରୁଶିଷ୍ୟ ପରମ୍ପରା ନିଆରା। ଏହା ବର୍ତ୍ତମାନ ହଜି ଯାଉଥିବା ବେଳେ ପୁରାତନ ଛାତ୍ରୀଛାତ୍ର ଏହି ପରମ୍ପରାକୁ ଅକ୍ଷୁଣ୍ଣ ରଖିବାକୁ କରିଥିବା ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ଜିଲା ସଂସ୍କୃତି ପରିଷଦ ସଦସ୍ୟ ଶୁଭେନ୍ଦୁ ଭୂୟାଁ ଯୋଗ ଦେଇଥିଲେ। ଅପରାହ୍ନ ଅଧିବେଶନରେ ଉଦୟଗିରି ବୁଦ୍ଧମହୋତ୍ସବର ଆବାହକ ମହେଶ୍ୱର ବଳ, ଡାକ୍ତର ସର୍ବେଶ୍ୱର ଶତପଥୀ, ସାମାଜିକକର୍ମୀ ଟିଟନ ସାହୁ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜା ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ଦାସ, କଳ୍ପତରୁ ପଣ୍ଡା, ଦୁଷ୍ମନ୍ତ ମହାପାତ୍ର, ଇନ୍ଦ୍ରମଣି ସାହୁଙ୍କ ସମେତ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଅନ୍ୟ ଅବସରପ୍ରାପ୍ତ ୨୫ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଗମାନନ୍ଦ ଜେନା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ପ୍ରଧାନଶିକ୍ଷକ ପ୍ରବୋଧ ସାମଲ, ଅରୁନ୍ଧତୀ ସାମଲ, ନିକୁଞ୍ଜ ବିହାରୀ ଜେନା, ଧନେଶ୍ୱର ସାହୁ ଓ ସରପଞ୍ଚ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶଶାଙ୍କଶେଖର ଶତପଥୀ ଧନ୍ୟବାଦ ଦେଇଥଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୧୯ ଡାଇରେକ୍ଟର ପଦ ପାଇଁ ନିର୍ବାଚନ

ଧର୍ମଶାଳା,୧୯।୬(ଡି.ଏନ.ଏ.)

ଧର୍ମଶାଳା ବ୍ଲକର ୫ ସେବା ସମବାୟ ସମିତିର ୧୯ ଡାଇରେକ୍ଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବ୍ଲକ୍‌ର ଅଭୟପୁର, ଗଡ଼ମଧୁପୁର, ମହିଶରା ସମବାୟ ସମିତିର ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରବିବାର ଦେଓଦା ସମବାୟ ସମିତିର ୪ଟି, ଜେନାପୁର ୧ଟି, ରେଖିଦେଇପୁର ୧ଟି, କଣ୍ଟିଗଡ଼ିଆ ୫ଟି ଓ ଅରେଇକଣା ସମବାୟ ସମିତିର ୮ଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ ହୋଇଛି। ଦେଓଦା ସମବାୟ ସମିତିର ଜୋନ୍ ୨ରେ ସୁରେଶ ଚନ୍ଦ୍ର ନାୟକ, ଜୋନ ୫ରେ ଗୟାଧର ସେଠୀ, ଜୋନ୍ ୬ରେ ନିତ୍ୟାନନ୍ଦ ମହାନ୍ତି, ଜୋନ୍ ୧୪ରେ ଯୋଗେନ୍ଦ୍ର ମଳିକ ନିର୍ବାଚିତ ହୋଇଛନ୍ତି। ସେହିପରି ଜେନାପୁର ସମିତିର ୧୧ ନଂ. ଜୋନ୍‌ରେ ମାନସ ସାମଲ, ରେଖିଦେଇପୁର ସମିତିର ୮ନଂ. ଜୋନରେ ଅମୂଲ୍ୟ ରାଉତ ନିର୍ବାଚିତ ହୋଇଛନ୍ତି। କଣ୍ଟିଗଡ଼ିଆ ସମବାୟ ସମିତିର ଜୋନ ନଂ. ୧ରେ ଶୁଭେନ୍ଦୁ ରାଉତ, ଜୋନ୍ ୨ରେ ପୂର୍ଣ୍ଣଚନ୍ଦ୍ର ଜେନା, ଜୋନ ୬ରେ ଅନିରୁଦ୍ଧ ସ୍ୱାଇଁ, ଜୋନ ୭ରେ ଚନ୍ଦ୍ରକଳା ମହାପାତ୍ର, ଜୋନ ନଂ. ୧୩ରେ ସରୋଜ କୁମାର ସାହୁ ପ୍ରମୁଖ ଡାଇରେକ୍ଟର ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀମାନେ ଘୋଷଣା କରିଛନ୍ତି।

## ସିମିଳିଆରେ ୪ ସଭ୍ୟଙ୍କ ପାଇଁ ମତଦାନ

ଯାଜପୁର ଟାଉନ,୧୯।୬(ଡି.ଏନ.ଏ.)

ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପ୍ରାଥମିକ କୃଷି ସମବାୟ ସମିତିର ନିର୍ବାଚନ ରବିବାର ଓଲେଇପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସକାଳ ୭ଟାରୁ ଏହି ଭୋଟ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଛି। ଏହି ସମବାୟ ସମିତିରେ ସମୁଦାୟ ସଭ୍ୟ ସଂଖ୍ୟା ୧୫ ଥିବାବେଳେ ୧୧ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଅବଶିଷ୍ଟ ୪ ସଭ୍ୟ ପଦ ନିମନ୍ତେ ୮ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସମିତିର ମୋଟ୍ ୧୬୭ଜଣ ଭୋଟ୍‌ଦାତା ଥିବାବେଳେ ୧୫୯ଜଣ ନିଜର ମତଦାନ କରିଥିଲେ। ଗୋଟିଏ ଭୋଟ ନାକଚ ହୋଇଥିବା ଜଣାଯାଇଛି। ନିର୍ଦ୍ଧାରିତ ସମୟ ପରେ ନିର୍ବାଚନ ଅଧିକାରୀ ଫଳାଫଳ ଘୋଷଣା କରିଥିଲେ। ନିର୍ବାଚିତ ସଭ୍ୟମାନେ ହେଲେ ନରେନ୍ଦ୍ର ପରିଡ଼ା, ଚିନ୍ତାମଣି କାପ, ପୀତାମ୍ବର ଦାସ ଓ ପ୍ରମୋଦ ନାୟକ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ସଦର ଥାନା ତରଫରୁ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିଲା। ସମବାୟ ସମିତିର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜଣେ ମହିଳା ମତଦାନ କରୁଛନ୍ତି।

## ବରୀରେ ଶୃଙ୍ଖଳିତ ମତଦାନ




ଅଧିକାରୀ ନିର୍ବାଚନ ପରିଚାଳନା କରୁଛନ୍ତି।

### ସମବାୟ ସମିତିର ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ବରୀ,୧୯।୬(ଡି.ଏନ.ଏ.)

ବରୀ ବ୍ଲକର ୧୩ ସମବାୟ ସମିତି ମଧ୍ୟରୁ ଖେମେଶ୍ୱର, ପଘିରା, ଉଦୟନାଥପୁର, ବରୀ-ବାଗ୍‌ଦା, ରଜାପୁର, ମିତ୍ର ସମବାୟ ସମିତି ଗମ୍ଭୁଁ ଓ ବାଇଁଶିରିଆ ସମିତିର ସଭ୍ୟାସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲା ବେଳେ ରବିବାର ପ୍ରଥମ ପର୍ଯ୍ୟାୟରେ ନହଣ, ଧାରପୁର, ମନ୍ଦାରୀ ଓ ଅଙ୍ଗାଳୋ ସମବାୟ ସମିତି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଉକ୍ତ ମତଦାନ ଶୃଙ୍ଖଳାର ସହ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୬ରେ ଗୋଳକୁଣ୍ଡ ଓ ଅମଠପୁର ସମିତିର ନିର୍ବାଚନ ଅନୁଷ୍ଠିତ ହେବ। ତେବେ ନିର୍ବାଚନରେ କୌଣସି ହିଂସା ଘଟିବା ଆଶଙ୍କା ଥିବାରୁ ବରୀ-ରାମଚନ୍ଦ୍ରପୁର ପୋଲିସ ପକ୍ଷରୁ ବିଭିନ୍ନ ସମିତିରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ଗତ ପଞ୍ଚାୟତ ନିର୍ବାଚନରେ ବରୀ ବିଧାୟିକା ସୁନନ୍ଦା ଦାସ ଓ ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏଥିରେ ମଲ୍ଲିକଙ୍କ ସମର୍ଥିତ ପ୍ରାର୍ଥିନୀ ପ୍ରାର୍ଥୀ ଅଧିକ ସଂଖ୍ୟାରେ ବିଜୟଲାଭ କରିଥିଲେ। ଫଳରେ ବ୍ଲକ ଅଧକ୍ଷ ପଦବୀ ମଲ୍ଲିକଙ୍କ ସପକ୍ଷକୁ ମିଳିଥିଲା। ତେବେ ସମବାୟ ସମିତି ନିର୍ବାଚନରେ ୪ ସମିତିର ଅଧିକ ସଂଖ୍ୟକ ସଭ୍ୟାସଭ୍ୟ ବରୀ ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥୀ ବିଜୟଲାଭ କରିବା ଯୋଗୁ ଦାସଙ୍କ ଶିବିରରେ ଆନନ୍ଦ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଧାୟିକା ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଗଣତନ୍ତ୍ରରେ ଜନମତକୁ ବିଗତ ଦିନରେ ସମ୍ମାନ ଦେଇଛି। ଏ ବିଜୟ ମୋର ବ୍ୟକ୍ତିଗତ ନୁହେଁ। ଏହା ସ୍ୱାଭିମାନୀ ବରୀ ଅଞ୍ଚଳର ବୋଲି ବିଧାୟିକା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସମ୍ପାଦକ ମଲ୍ଲିକଙ୍କ ପ୍ରତିକ୍ରିୟା ପାଇଁ ଫୋନ୍‌ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ପିତୃଦିବସ ପାଳିଲେ ଛାତ୍ରୀଛାତ୍ର

ସିଂହପୁର,୧୯।୬(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ୍‌ର କେବିକେ ଗ୍ରୁପ୍ ପକ୍ଷରୁ ରବିବାର ପିତୃ ଦିବସ ପାଳିତ ହୋଇଯାଇଛି। ଗୁରୁ ଦିନେଶ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାସ, ପ୍ରିୟଦର୍ଶିନୀ ସାମଲ, କୁମାର ଜଗଦିଶ, ଶ୍ରୀନିବାସ ପୃଷ୍ଟି, ପ୍ରାଚୀ ପ୍ରିୟଦର୍ଶିନି ଜେନା ଓ ଅପରୁପା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପିତୃ ଦିବସ ସମ୍ମାନରେ ଜାଫଲପୁର ନିବାସୀ ବିଚିତ୍ର କୁମାର ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୀତିକାର ନଳିନୀପ୍ରଭା ଦାସଙ୍କ ଲିଖିତ ମୋ ବାପାପରି କିଏ ହେବ ଗୀତକୁ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଶେଷରେ ସାଇଶ୍ରୀ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍




ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବରୀ,୧୯।୬(ଡି.ଏନ୍.ଏ.)

ବନ୍ୟା, ବାତ୍ୟା ଦ୍ୱାରା ବରୀ ବ୍ଲକ ଅଞ୍ଚଳ ପ୍ରତିବର୍ଷ ବ୍ୟାପକ ପ୍ରଭାବିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ଲକ୍ ପ୍ରଶାସନ ତରଫରୁ ରବିବାର ଉଦୟନାଥପୁର ପଞ୍ଚାୟତଠାରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ମାନସ ରଞ୍ଜନ ଭୋଇ, ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀ ଅଜିତ କୁମାର ଜେନା, ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ସାମଲ, କାର୍ଯ୍ୟ ନିର୍ବାହୀ ଅଧିକାରୀ ହରେକୃଷ୍ଣ ପଣ୍ଡା, ପ୍ରାକ୍ତନ ସମିତିସଭ୍ୟ ଶରତ ସାମଲ, ସମବାୟ ସମିତି ସଭାପତି ଶରତ ଚନ୍ଦ୍ର ଧଳଙ୍କ ସମେତ ଉଦୟନାଥପୁର ପଞ୍ଚୟତର ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ବ୍ଲକ୍‌ର ଏହି ପଞ୍ଚାୟତଟି ବିଭିନ୍ନ ସମୟରେ ବନ୍ୟା, ବାତ୍ୟା ସମୟରେ ଅଧିକ ପ୍ରଭାବିତ ହୋଇଥାଏ। ତେବେ ସରକାରଙ୍କ ତରଫରୁ ପ୍ରାକୃତିକ ଦୁର୍ବିପାକ ସମୟରେ କିଭଳି ଅଧିକ ସୁରକ୍ଷା ଯୋଗାଇ ଦିଆଯାଇ ପାରିବ, ତାହା ଉପରେ କେବଳ ଦାୟିତ୍ୱରେ ଥିବା କର୍ମଚାରୀ ନୁହନ୍ତି ସମସ୍ତେ ସହଯୋଗର ହାତ ବଢ଼ାଇଲେ ଏହା ଫଳପ୍ରଦ ହୋଇପାରିବ ବୋଲି ଭାରପ୍ରାପ୍ତ ବିଡିଓ କହିଥିଲେ।

## ବିରୂପା, ଗେଙ୍ଗୁଟି ନଦୀରୁ ବେଆଇନ ବାଲି ଚାଲାଣ

ଚଣ୍ଡିଖୋଲ,୧୯।୬(ଡି.ଏନ୍.ଏ)

ଦର୍ପଣ ତହସିଲ ଅଧୀନରେ ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀ ରହିଛି। ମାତ୍ର ବିରୂପା ଓ ଗେଙ୍ଗୁଟି ନଦୀରୁ ଏବେ ବ୍ୟାପକ ଭାବେ ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ବିରୂପା ନଦୀର ରାମଦାସପୁର-୧ ଓ ରାମଦାସପୁର-୨ ବାଲିଘାଟକୁ ସରକାରୀ ଭାବେ ବାଲି ଉତ୍ତୋଳନ ପାଇଁ ନିଲାମ ଦିଆଯାଇଛି। ତେବେ ଏହାବାଦ ୨ଟି ନଦୀର ବିଭିନ୍ନ ସ୍ଥାନରେ ବେଆଇନ ବାଲିଘାଟ ଚାଲୁଛି। ହଳଧରପୁରଠାରେ ଦିନ ଦ୍ୱିପ୍ରହରେ ବାଲିଉଠାଣ କରି ବିକ୍ରୟ କରାଯାଉଛି। ସେହିପରି ବିରୂପା ନଦୀର ଚାରିନଙ୍ଗଳ, କଳାଶ୍ରୀ, ନାନପୁରଠାରେ ବେଆଇନ ବାଲିଘାଟ ଚାଲୁଥିବା ବେଳେ ଗେଙ୍ଗୁଟି ନଦୀର ରାଧାଦେଈପୁର, ବାଙ୍ଗିରିପୋଷି, ବଡ଼ଘୁମୁରି, ବେଣାପୁର ଓ ଖଡ଼ିଅଙ୍ଗଠାରେ ବେଆଇନ ବାଲିଘାଟ ଚାଲୁଛି।

### ରାଜସ୍ୱ ହରାଉଛନ୍ତି ସରକାର



ନଦୀରୁ ବାଲି ପରିବହନ କରାଯାଉଛି।

ତହସିଲ ତରଫରୁ ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଥିଲେ ମଧ୍ୟ ବାଲି ମାଫିଆ ରାସ୍ତାକଡ଼ରେ ଜଗିରହି ବାଲିଚାଲାଣ କରୁଛନ୍ତି। ଏହାଦ୍ୱାରା ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ରାମଦାସପୁରଠାରେ ଦିଆଯାଇଥିବା ନିଲାମୀ ଘାଟରୁ କେବଳ ସରୁ ବାଲି ମିଳୁଛି। ତେଣୁ ରାସ୍ତା ଓ ଘର କାମ ପାଇଁ ମୋଟା ବାଲିର ଆବଶ୍ୟକତା ଥିବା ହେତୁ ବହୁସଂଖ୍ୟାରେ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ରାତିରେ ଏହି ଚୋରା କାରବାର ଚାଲିଛି। ହଳଧରପୁର ଦର୍ପଣ ତହସିଲର ଶେଷ ମୁଣ୍ଡ ହୋଇଥିବା ଯୋଗୁ ଏଠାରେ ଧରପଗଡ଼ କମ ହେଉଛି। ଯେଉଁଥିପାଇଁ ଚୋରାବାଲି ମାଫିଆ ଦିନ ଦ୍ୱିପ୍ରହରରେ ଟ୍ରାକ୍ଟର ଲଗାଇ ବାଲି ଚାଲାଣ କରୁଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ବେଆଇନ ବାଲି ଚାଲାଣ ସମ୍ପର୍କିତ ଖବର ମିଳିଲେ ସଙ୍ଗେସଙ୍ଗେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତେବେ ଆଗକୁ ଏହି ଚଢ଼ାଉ ଜୋରଦାର ହେବ। ଏବେ ଦେଖିବାକୁ ଅପେକ୍ଷା ତହସିଲ ପ୍ରଶାସନ ବାଲି ଚୋରାଚାଲାଣ ରୋକିବାରେ ସଫଳ ହେଉଛି ନା ବିଫଳ ହେଉଛି।

